## କୃଷ୍ଣପ୍ରସାଦରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ



**କୃଷ୍ଣପ୍ରସାଦ,୨୯ ।୩(ସମିସ):** ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ବ୍ଲକ ଭାବେ ଜଣାଶୁଣା । ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଅପରାଧିକ କାର୍ଯ୍ୟକଳାପ ଉପରେ କଟକଣା ଲାଗୁ କରିବା ପାଇଁ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ପୁଲିସ ଓ ମହିଳା ପୁରୁଷ ସିଆରପିଏଫ ପକ୍ଷରୁ ବଜାର ଓ ପଞ୍ଚାୟତ ଅଞ୍ଚଳରେ ଶୁକ୍ରବାର ଠାରୁ ଫ୍ଲାଗ ମାର୍ଚ୍ଚ ଆରମ୍ଭ କରାଯାଇଛି । ଚଳିତ ବର୍ଷ ନିର୍ବାଚନ କୁ ଆଖି ଆଗରେ ରଖି ବ୍ୟାପକ ବ୍ୟବସ୍ଥା କଡାକଡି କରାଯାଇଛି । ଉତ୍ତେଜନା ପ୍ରବଣ ଓ ଅତି ଉତେଜନା ପ୍ରବଣ ବୁଥ ଅଞ୍ଚଳରେ ପୋଲିସ ପକ୍ଷରୁ ପୋଲିସ ଅଧିକାରୀ, ପ୍ଲାଟୁନ ଫୋର୍ସ ଓ ସିଆରପିଏଫ ମୁତୟନ ରହି ସମ୍ଭାବ୍ୟ ଗଣ୍ଡଗୋଳ ଉପରେ ଦୃଷ୍ଟି ରଖିବେ । ସେହିପରି ନିର୍ବାଚନ ସମୟରେ କୌଣସି ଗଣ୍ଡଗୋଳକୁ ପ୍ରଶୟ ନଦେବା ପାଇଁ ଥାନା ଅଧିକାରୀ ଶ୍ରୀ ସାହୁ ପ୍ରତ୍ୟକ୍ଷ ଭାବେ ପରିଦର୍ଶନ କରୁଛନ୍ତି । ବଜ୍ରକୋଟ,ମାଲୁଦ, ସିଆଳ, କୃଷ୍ଣପ୍ରସାଦ, ତିତିପ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ ହୋଇଥିଲା

## ଏଏନ୍ଏମ ସେଣ୍ଟରରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ

**ନୟାହାଟ,୨୯ ।୩(ସମିସ):** ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ଠାରେ ଥିବା ପ୍ରାଣୀ ଚିକିତ୍ସାଳୟର ନିଜସ୍ୱ ଘର ନିର୍ମାଣ ସାରିଥିଲେ ମଧ ତାହା ବର୍ତ୍ତମାନ ଏଏନ୍ଏମ ସେଣ୍ଟରରେ ଚାଲିଛି । ଏଏନଏମ ସେଣ୍ଟରକୁ ଚିକିତ୍ସା ଲାଗି ଆସୁଥିବା ଲୋକମାନେ ସେଣ୍ଟର ବନ୍ଦଥିବାରୁ ଲୋକମାନେ ନିରାଶ ହୋଇ ଫେରୁଛନ୍ତି । ବାଉଲାଙ୍ଗ ଓ ଦେସ୍ଥଳୀ ଦୁଇଟି ପଞ୍ଚାୟତକୁ ନେଇ ଦେସ୍ଥଳୀ ଠାରେ ଉକ୍ତ ପ୍ରାଣୀ



ଚିକିତ୍ସା କେନ୍ଦ୍ର ଚାଲିଛି । ଏହା ଉପରେ ଚିକିତ୍ସା ପାଇଁ ଛେଳି, ମେଣ୍ଢା, ଗାଇଗୋରୁ ହଜାର ହଜାର ସଂଖ୍ୟାରେ ଚିକିତ୍ସା ପାଇଁ ନିର୍ଭରଶିଳ ଥିବାବେଳେ ଏଏନ୍ଏମ ସେଣ୍ଟର ଏବେ ଭୁତକୋଠି ହୋଇ ପଡିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ନୂତନ ଘର ନିର୍ମାଣ ସାରିଛି କାହିଁକି ସ୍ଥାନାନ୍ତରିତ ହେଉନାହିଁ ମୁଁ କହି ପାରିବି ନାହିଁ । ଏସମ୍ପର୍କରେ ସରପଞ୍ଚ ରିସିନା ସ୍ୱାଇଁଙ୍କୁ ପଚାରିବାରୁ ନୂଆ ଘର ଉଦ୍‌ଘାଟନ ହୋଇନଥିବାରୁ ସ୍ଥାନନ୍ତରିତ ହୋଇନାହିଁ ବୋଲି କହିଛନ୍ତି ।

## ବିଜୁ ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକ



**ଡେଲାଙ୍ଗ,୨୯।୩(ସମିସ):** ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତ ଅଧିନ ଉଦୟପୁରସ୍ଥିତ ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ବାସଭବନ ପରିସରରେ ଶୁକ୍ରବାର ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥି, ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲାପରିଷଦ ପ୍ରସନ୍ନ ସାହୁ, ଛାତ୍ର ବିଜେଡି ସଭାପତି ସୁଦିପ୍ତ ନାୟକ, ବିଧାୟକ ପ୍ରତିନିଧି ମଳୟ ମହାନ୍ତି, ସାଂସଦ ପ୍ରତିନିଧି ନୃସିଂହ ଜେନା, ସମବାୟବିତ୍ ଚିତ୍ରସେନ ନିଶଙ୍କ, ଅମ୍ବାର ଅଧ୍ୟକ୍ଷା ମିନତୀ ସେନାପତି, ସୌମ୍ୟରଞ୍ଜନ ରାଉତ,ସରପଞ୍ଚ ଦୀପକ ସାହୁ, ହିରଣ୍ୟମୟୀ ମହାପାତ୍ରଙ୍କ ସମେତ ବିଜେଡି ସମର୍ଥୀତ ସରପଞ୍ଚ ,ସମିତିସଭ୍ୟ ଓ ୨୧ ପଞ୍ଚାୟତର ୪ଶହରୁ ଊର୍ଦ୍ଧ୍ୱର୍ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଆଗାମୀ ସାଧାରଣ ନିର୍ବାଚନ ପାଇଁ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ଆଲୋଚନା କରାଯାଇଥିଲା । ଶ୍ରୀ ପଟ୍ଟନାୟକ ଯୁବଶକ୍ତିର ବିକାଶ ନେଇ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇବେ ବୋଲି ମତବ୍ୟକ୍ତ କରିଥିଲେ ।

### ଭାରତ ସ୍କାଉଟ୍ ଏଣ୍ଡ ଗାଇଡ୍ ପକ୍ଷରୁ ପଦଯାତ୍ରା

# ବେଳାଭୂମି-ଅଭୟାରଣ୍ୟ ସୁରକ୍ଷା ବାର୍ତ୍ତା ଦେଲେ

**କୋଣାର୍କ,୨୯ ।୩(ସମିସ):** ଶୁକ୍ରବାର ସକାଳେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଏଣ୍ଡ ଗାଇଡସ୍ ପକ୍ଷରୁ ୪ ଦିନିଆ ଦୁଃସାହସିକ ବେଳାଭୂମି ପଦଯାତ୍ରା ଚନ୍ଦ୍ରଭାଗା ବେଳାଭୂମିଠାରୁ ଆରମ୍ଭ ହୋଇଛି । ଚନ୍ଦ୍ରଭାଗା ବେଳାଭୂମି ବେସ୍ କ୍ୟାମ୍ପଠାରେ କାର୍ଯ୍ୟକ୍ରମରେ ଭାରତ ସ୍କାଉଟ୍ ଏଣ୍ଡ ଗାଇଡସ୍‌ର ଓଡିଶା ରାଜ୍ୟ ଆଡ଼ଭେଞ୍ଚରସ୍ କମିଟିର ଚେୟାରମ୍ୟାନ ସ୍ୱାଧୀନ ପଣ୍ଡା, ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ଚମ୍ପାହର ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ୧୧ଟି ଜିଲ୍ଲାର ୩୩ଟି ମହାବିଦ୍ୟାଳୟରୁ ଭାରତ ସ୍କାଉଟ୍ ଏଣ୍ଡ ଗାଇଡସ୍ ୩ଶହ ରେଞ୍ଜର ଓ ରୋଭର୍ସ ଯୋଗଦେଇ ବେଳାଭୂମି ସଫେଇ କରିଥିଲେ । ଦୁଃସାହସିକ ବେଳାଭୂମି ପଦଯାତ୍ରା ସମୟରେ ଛାତ୍ରଛାତ୍ରୀମାନେ ବଙ୍ଗୋପସାଗର ବେଳାଭୂମି ଓ ତତ୍ ସଂଲଗ୍ନ ବାଲୁଖଣ୍ଡ -କୋଣାର୍କ ଅଭୟାରଣ୍ୟର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସଂପର୍କରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଲେ ଆଡ଼ଭେଞ୍ଚର୍ସ କମିଟିର ଚେୟାରମ୍ୟାନ ସ୍ୱାଧୀନ ପଣ୍ଡା ପ୍ରକାଶ କରିଛନ୍ତି । ଏହି ଅଭିଯାନର ବେସ୍ କ୍ୟାମ୍ପ ଚନ୍ଦ୍ର ଭାଗାଠାରୁ ବାହାରି ଆଜି ବେଳାମାର୍ଗ ସଂଲଗ୍ନ ଚିକନା, ଶନିବାର ବେଳେଶ୍ୱରଠାରେ ରାତ୍ରୀଯାପନ ପରେ ରବିବାର ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ଅନ୍ତର୍ଗତ ଗାନ୍ଧୀଘାଟଠାରେ ଉଦ୍‌ଯାପିତ ହେବ ଓଡିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡ ଯୁଗ୍ମ ସଂପାଦକ ମିହିର କୁମାର ପଟ୍ଟନାୟକ, ଓଡ଼ିଶା ରାଜ୍ୟ ଟ୍ରେନିଂ କମିଶନର ଦେବୁ ବାବୁ ଓ ସହକାରୀ ଟ୍ରେନିଂ କମିଶନର ଚନ୍ଦନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ।




## ଅସ୍ତରଙ୍ଗରେ ପଞ୍ଚୁଦୋଳ ମେଳଣ



**ଅସ୍ତରଙ୍ଗ,୨୯ ।୩(ସମିସ):** ଅସ୍ତରଙ୍ଗ ବଜାର ଜାଗୁଳେଇ ପଡିଆରେ ପଞ୍ଚୁଦୋଳ ମେଳଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ କନ୍ତପହଁରା,କୁଅଁରପୁର,ଝାଡଲିଙ୍ଗ,ବେଗୁନିଆବସ୍ତ ଓ ବରାଙ୍ଗ ପ୍ରମୁଖ ଅଞ୍ଚଳରୁ ଦୋଳ ବିବାନରେ ଆସି ମେଳଣ ପଡିଆରେ ପହଞ୍ଚିଥିଲା । ମେଳଣର ପ୍ରଥମ ଥାନପତି କୁଅଁରପୁର ବିବାନ ଗୁରୁବାର ରାତିରୁ ପହଞ୍ଚିବା ପରେ କ୍ରମାନ୍ୱୟରେ ଶୁକ୍ରବାର ଦିନ ୧୦ଟା ସୁଧା ଅନ୍ୟ ଦିଅଁ ଆସି ପହଞ୍ଚିଥିଲେ । ଦିନ ତମାମ ଦୋଳ ଦିଅଁଙ୍କ ନିକଟରେ ପୂଜାର୍ଚ୍ଚନା ହେବା ସମେତ ଯାଦବମାନଙ୍କ ପକ୍ଷରୁ ବାଡ଼ି ଲଉଡି ଖେଳ,ଗୋପାଳ ଓଗାଳ ଓ ଲଉଡି ଗୀତରେ ସ୍ଥାନଟି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଦିନରେ ଅନ୍ନ ଭୋଗ ଲାଗି ପରେ ଉପସ୍ଥିତ ଗ୍ରାମବାସୀ ,ଶ୍ରଦ୍ଧାଳୁ ଓ ସମସ୍ତେ ପ୍ରସାଦ ପାଇଥିଲେ । ସନ୍ଧ୍ୟାରେ ଆଳତି କାର୍ଯ୍ୟ ଶେଷ ପରେ ଶ୍ରଦ୍ଧାଳୁମାନେ ଭୋଗ ଲାଗିକରି ଦିଅଁ ଦର୍ଶନ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ଗୋପାଳମାନେ ବାଡିଲଉଡି ଖେଳ,ଶ୍ରୀକୃଷ୍ଣଙ୍କ ଗାଥା ଲଉଡି ଗୀତ,ଜୟ ମାଧବ ଓ ଜୟ ଗୋପାଳରେ ମେଳଣ ପଡ଼ିଆ କମ୍ପି ଉଠିଥିଲା । ସନ୍ଧ୍ୟା ଆଳତି ପରେ ବିବାନ ଗୁଡିକ ନଗର ଭ୍ରମଣରେ ବାହାରିଥିଲେ । ସୁସଜ୍ଜିତ ବିବାନକୁ ବାଜାବାଣ ରୋଷଣୀରେ ବଜାର ପରିକ୍ରମା କରିବା ବେଳେ ବିଭିନ୍ନ ସ୍ଥାନରେ ଭୋଗ ଲାଗି ହୋଇଥିଲ । ରାତି ୭ଟାରେ ଦିଅଁକୁ ବିଦାୟ ଦେବା ବେଳେ ବିବାନ ସବୁ ନିଜର ସ୍ଥାନକୁ ଫେରିଥିଲେ । ୧୦୨ ବର୍ଷରେ ପଦାର୍ପଣ କରିଥିବା ଏହି ପରମ୍ପରା ଆଡମ୍ବର ସହ ପାଳନ ହେଉଥିଲା ବେଳେ ଚଳିତବର୍ଷ ଅସ୍ତରଙ୍ଗ ଗ୍ରାମର ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି,ସମାଜସେବୀ ଦିବାକର ଛାଟୋଇ,ଯୁଗଳକୀଶୋର ମହାନ୍ତି,ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

## ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ବାଙ୍ଗୁରିଗାଁ,୨୯ ।୩(ସମିସ ):** କାକଟପୁର ବ୍ଲକ ଅନ୍ତର୍ଗତ ଆନନ୍ଦବଜାର ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି, ଉତ୍ସବରେ ଅତିଥି ଭାବେ ଯୁବ ଓ କ୍ରୀଡା,ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା , ସ୍ୱାଧୀନ କୁମାର ନାୟକ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସଭ୍ୟ, ଅରୁଣ କୁମାର ସ୍ୱାଇଁ ଅଧକ୍ଷ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶ୍ରୀକାନ୍ତ କୁମାର ସାମନ୍ତରାୟ ଚେୟାରମ୍ୟାନ ରେଜିଓନାଲ ରେସିଡେଣ୍ଟାଲ କଲେଜ ନିମାପଡା ଓ ଅଶୋକ କୁମାର ଦଳାଇ ପୂର୍ବତନ ଅଧକ୍ଷ ଜିଲ୍ଲା ପରିଷଦ ସଭ୍ୟ ପୁରୀ ଯୋଗଦାନ କରି ପିଲାମାନଙ୍କୁ ମହତ ଉପଦେଶ ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟର ଶିକ୍ଷକ ଦୟାନିଧି ବେହେରା ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ କରି ଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା ।ଉତ୍ସବରେ ପ୍ରଫୁଲ୍ଲ କୁମାର ସାହୁ ସଭାପତିତ୍ୱ କରିଥିଲେ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ମନ୍ଦିର ବାହୁଡ଼ିଲେ ଐଶାନେଶ୍ୱର



**ନୟାହାଟ,୨୯ ।୩(ସମିସ):** ଚାରିଛକ ଥାନା ଅନ୍ତର୍ଗତ ବାହାରଣା ଠାରେ ଐଶାନେଶ୍ୱରଙ୍କ ମନ୍ଦିର ବାହୁଡା କାର୍ଯ୍ୟକ୍ରମ ଶେଷ ହୋଇଛି । ପ୍ରକାଶ ଯେ ବାହାରଣା ଠାରେ ପ୍ରଭୁ ଐଶାନେଶ୍ୱର ମନ୍ଦିରରୁ ବାହାରି ବାହାରଣା ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଭକ୍ତଙ୍କ ଦାଣ୍ଡରେ ପୂଜା ପାଇବା ସହ ଭୋଗ ଖାଉଥିଲେ । ବାବା ଐଶାନେଶ୍ୱର ସମସ୍ତ ଗ୍ରାମରୁ ବୁଲିବା ପରେ ମଠତୋଟା ମେଳରେ ଶେଷ ଭୋଗ ଖାଇବା ପରେ ସ୍ୱତନ୍ତ୍ର ଶୋଭାଯାତ୍ରାରେ ସୁସଜିତ ବୀବାନରେ ଆସି ମନ୍ଦିରରେ ପ୍ରବେଶ କରିଥିଲେ । ବାହାରଣା ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଆସି ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରସାଦ ପାଇଥିଲେ ।

### ● ବାଲୁଖଣ୍ଡ -କୋଣାର୍କ ଅଭୟାରଣ୍ୟରେ ନିଆଁ

## ଏକର ଜଙ୍ଗଲ ପୋଡ଼ି ପାଉଁଶ

**କୋଣାର୍କ,୨୯ ।୩(ସମିସ):** ଶୁକ୍ରବାର ଅପରାହ୍ନ ୫ଟାରେ କୋଣାର୍କ -ପୁରୀ ବେଳାମାର୍ଗ ସଂଲଗ୍ନ ବାଲୁଖଣ୍ଡ -କୋଣାର୍କ ଅଭୟାରଣ୍ୟରେ ନିଆଁ ଲାଗି ଏକ ଏକରରୁ ଅଧିକ ପରିମିତ ଜଙ୍ଗଲ ପୋଡ଼ିଯାଇଛି । ଖବରପାଇ ଚମ୍ପାହର ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କ ନେତୃତ୍ୱରେ ଆଗ୍ନିକମାନେ ପହଞ୍ଚି ଦୀର୍ଘ ଦୁଇଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି । ବନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ବାରମ୍ବାର ଅଭୟାରଣ୍ୟରେ ନିଆଁ ଲାଗି ବୃକ୍ଷ ସଂପଦ ନଷ୍ଟ ହେବା ସହିତ ପଶୁପକ୍ଷୀମାନେ ଅସୁରକ୍ଷିତ ହୋଇପଡୁଛନ୍ତି । ଏକଦା କୃଷ୍ଣସାର ମୃଗଙ୍କ ଅଭୟାରଣ୍ୟ ଭାବେ ପ୍ରସିଦ୍ଧି ଲାଭ କରିଥିବା ଏହି ଅଭୟାରଣ୍ୟ ୨୦୧୫ ମସିହାରୁ କୃଷ୍ଣସାର ଶୂନ୍ୟ ସୋଇପଡ଼ିଛି । ଏହି ସମ୍ବେଦନଶୀଳ ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ, ଅଭୟାରଣ୍ୟ ପରିସରରେ ବଣଭୋଜି ନିଷେଧ, କାଠମାଫିଆ ଓ ପଶୁ ଶିକାରୀଙ୍କ ଉପରେ କଡା ନଜର ସହିତ ଜନସଚେତନତା ସୃଷ୍ଟି କରିବାକୁ ପରିବେଶ ପ୍ରେମୀମାନେ ମତପୋଷଣ କରିଛନ୍ତି ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନିଶାମଣି ଦେବୀ
ବଡ଼ବେରଣା, ବେଗୁନିଆ, ଖୋର୍ଦ୍ଧା
ଆବିର୍ଭାବ: ୧୦.୦୫.୧୯୪୫
ତିରୋଧାନ: ୨୦.୦୩.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ଚାରି ପୁଅ ବିରଞ୍ଚି ନାରାୟଣ ପଣ୍ଡା, ସତ୍ୟ ନାରାୟଣ ପଣ୍ଡା, ରବି ନାରାୟଣ ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା, ବୋହୂ ସରୋଜିନୀ ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଲିଜାଲିନ ପଣ୍ଡା, ସୁପ୍ରିୟା ପଣ୍ଡା, ନାତି ଓ ନାତୁଣୀ ଲକି, ଲିକୁ, ଲିପା, ଲଭଲି, ରୋହନ, ଲିପୁନ, ଜିପୁନ ଓ ଆତ୍ମୀୟ ସ୍ୱଜନ

## ବିଦେଶୀ ମଦ ଜବତ, ଜଣେ ଗିରଫ

**ନିମାପଡା,୨୯।୩ (ସମିସ):** ନିମାପଡା ଥାନା ଅନ୍ତର୍ଗତ ବାମନାଳ ନିକଟରେ ଏକ ବାଇକ୍‌ରେ ଜଣେ ବ୍ୟକ୍ତି ଚୋରା ମଦ ନେଇ ଯାଉଥିବା ବେଳେ ପୁଲିସ ମଦ ଜବତ କରିବା ସହ ଯୁବକଙ୍କୁ ଗିରଫ କରିଛି । ରାଜେଶ ପ୍ରଧାନ ନାମକ ଜଣେ ଯୁବକ ବାଇକ୍‌ରେ ୨୭ ଲିଟର ବିଦେଶୀ ମଦ ନେଇ ଯାଉଥିବା ବେଳେ ନିମାପଡା ଥାନା ଆଇଆଇସି ବାମଦେବ ସ୍ୱାଇଁ ଖବର ପାଇ ତାକୁ ଧରିବା ପାଇଁ ଥାନା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ରାଜେଶ ଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରିବା ସହିତ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ଘର ଆଗରୁ ବାଇକ୍ ଚୋରି

**ନୟାହାଟ,୨୯ ।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ସିଙ୍ଗି ପାନିଆ ଗ୍ରାମର ବୁଲୁ ସାହୁଙ୍କ ବାଇକ୍ ନଂ ଓଡି୧୩ ଜି -୩୨୯୨ ବାଇକ୍ ଘର ଆଗରେ ଥୁଆ ହୋଇଥିବା ବେଳେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି ।

### ଶ୍ରୀମନ୍ଦିରରେ ପ୍ରବଳ ଭିଡ଼

## ପଶ୍ଚିମ ଦ୍ୱାରରେ ବାହାର ଭକ୍ତଙ୍କୁ ପ୍ରବେଶ କରାଇଲେ ଯାତ୍ରୀପଣ୍ଡା

**ପୁରୀ, ୨୯।୩(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ଶୁକ୍ରବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା । ଛୁଟିଦିନ ଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି । ତେବେ ପଶ୍ଚିମ ଦ୍ୱାରରେ କିଛି ଯାତ୍ରୀପଣ୍ଡା ବାହାର ଭକ୍ତଙ୍କୁ ପ୍ରବେଶ କରାଇବାରୁ ଅନ୍ୟ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରି ଧସେଇ ପଶିଥିଲେ । ଫଳରେ ପୁଲିସକୁ ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା । ଯେହେତୁ ତାତି ଅଧିକ ଅନୁଭୂତ ହେଉଥିଲା ତେଣୁ ଖରାରେ ଠିଆ ହୋଇଥିବା ଭକ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ । ଶ୍ରୀମନ୍ଦିରକୁ ଏବେ ଶ୍ରଦ୍ଧାଳୁଙ୍କ ଆଗମନ ବୃଦ୍ଧି ପାଇଛି । ଛୁଟିଦିନ ଏବଂ ପର୍ବପର୍ବାଣୀରେ ଭିଡ଼ ନିୟନ୍ତ୍ରଣ ଅସମ୍ଭାଳ ହୋଇପଡୁଛି । ତେବେ ଗୁଡ୍ ଫ୍ରାଇଡେ ଯୋଗୁ ଶୁକ୍ରବାର ଛୁଟି ଥିବାରୁ ପୁରୀକୁ ଭକ୍ତଙ୍କ ସଂଖ୍ୟା ଅଧିକ ରହିଥିଲା । ସକାଳୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଗହଳି ଆରମ୍ଭ ହୋଇଥିଲା । ଦିନ ଯେତେ ଗଡୁଥିଲା ଭକ୍ତଙ୍କ ସଂଖ୍ୟା ମଧ ସେମିତି ବଢୁଥିଲା । ଖରା ବଢୁଥିବାରୁ ଅନେକ ଶ୍ରଦ୍ଧାଳୁ ପଶ୍ଚିମ ଦ୍ୱାର ପଟେ ଭିତରକୁ ଯିବା ପାଇଁ ପହଞ୍ଚିଥିଲେ । ହେଲେ ସେମାନଙ୍କୁ ଭିତରକୁ ଛାଡି ନ ଥିଲେ ସୁରକ୍ଷା କର୍ମୀ । ଯେହେତୁ ପଶ୍ଚିମ ଦ୍ୱାର ପଟେ କେବଳ ପୁରୀବାସୀଙ୍କୁ ଯିବା ଲାଗି ଅନୁମତି ରହିଛି ତେଣୁ ପୁଲିସ ବାହାର ଭକ୍ତଙ୍କୁ ଛାଡି ନ ଥିଲା । ଫଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାକୁ ଲାଗିଥିଲା । ଏହାରି ଭିତରେ କିଛି ଯାତ୍ରୀପଣ୍ଡା ବାହାର ଭକ୍ତଙ୍କୁ ସାଥୀରେ ନେଇ ପଶ୍ଚିମ ଦ୍ୱାର ବାଟେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଫଳରେ ଏହାକୁ ନେଇ ଅନ୍ୟ ଶ୍ରଦ୍ଧାଳୁମାନେ ଉତ୍‌କ୍ଷିପ୍ତ ହୋଇଥିଲେ । ସେମାନେ ଦୀର୍ଘ ସମୟ ଧରି ଛିଡା ହୋଇଥିଲେ ହେଁ ପୁଲିସ ଛାଡି ନ ଥିଲା । ହେଲେ ଯାତ୍ରୀପଣ୍ଡା କିପରି ବାହାର ଭକ୍ତଙ୍କୁ ନେଲେ ବୋଲି କହି ଉଦ୍‌ବେଗ ପ୍ରକାଶ କରିଥିଲେ । ଏପଟେ ଖରାତାତି ବି ବଢୁଥିଲା । ତେଣୁ ଶ୍ରଦ୍ଧାଳୁମାନେ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଫଳରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ଶ୍ରଦ୍ଧାଳୁମାନେ ଠେଲାପେଲା ହୋଇ ପଶ୍ଚିମ ଦ୍ୱାର ଦେଇ ଭିତରକୁ ଯିବାବେଳେ ହାତଗଣତି ସୁରକ୍ଷା କର୍ମୀ ବି ଅସହାୟ ହୋଇପଡ଼ିଥିଲେ । ସେମାନେ ଭିଡ଼ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା ।


ଖରାରେ ଠିଆ ହୋଇ ଅସନ୍ତୋଷ ଶ୍ରଦ୍ଧାଳୁ ଧସେଇ ପଶିଲେ

୧୧ତମ ଜନ୍ମବାର୍ଷିକ ଶୁଭେଚ୍ଛା



ଆଦର୍ଶ ନାୟକ
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ । ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ । ଆଜି ଜନ୍ମଦିନରେ ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ:
ପିତା: ନୃସିଂହ ନାୟକ,
ଏମ୍‌ଡି ମୈଦଲପୁର ଲ୍ୟାମ୍ପ

# ଶ୍ରୀକ୍ଷେତ୍ର ସିଟି

୨୯/୩/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୨,୯୮୦/- ସୁନା: ୦୦.୬୦୦ ଗ୍ରାମ୍ ରୁପା: ୪୯.୭୦୦ ଗ୍ରାମ୍





### ବିଜେଡି ପ୍ରାର୍ଥୀଙ୍କ ସାମ୍ବାଦିକ ସମ୍ମିଳନୀ
## ସତ୍ୟବାଦୀ ମାଟି ହେଉଛି ପୁଣ୍ୟ ମାଟି



**ସାକ୍ଷୀଗୋପାଳ, ୨୯।୩(ସମିସ):** ବିଜେଡିର ବିଧାନସଭା ପ୍ରାର୍ଥୀ ଭାବେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଯାହାକୁ ନେଇ ପୁରୀର ଏକ ହୋଟେଲରେ ସତ୍ୟବାଦୀ ଓ କଣାସ ବ୍ଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ସମ୍ମିଳନୀ କରିଥିଲେ। ଏହି ସମ୍ମଳନୀରେ ଶ୍ରୀ ବର୍ମାଙ୍କ ସହିତ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ବ୍ଲକ ସଭାପତି ପ୍ରମୋଦ ରାଉତରାୟଙ୍କ ସହିତ ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, କଣାସ ବ୍ଲକର ସଭାପତି ଓ କଣାସ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶୀଳ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ବର୍ମା କହିଥିଲେ ଯେ ବିଜେଡି ସୁପ୍ରିମୋ ତଥା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଁ ସତ୍ୟବାଦୀରୁ ପ୍ରାର୍ଥୀ ହୋଇଛି। ଏହି ନିର୍ବାଚନ ମଣ୍ଡଳୀ ମାଟି ହେଉଛି ଏକ ପୁଣ୍ୟ ମାଟି। ଏହି ମାଟିର ବିକାଶ ପାଇଁ ପ୍ରଥମେ ସୁଆଣ୍ଡୋ ସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠର ଉନ୍ନତିକରଣ କରାଯିବା ସହ ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯାଇଛି। ଏହା ସହିତ ସାକ୍ଷୀଗୋପାଳରେ ଓଡିଆ ବିଶ୍ୱ ବିଦ୍ୟାଳୟ କରି ବିଜେଡି ସରକାର ସେହି ପଞ୍ଚ ସଖାଙ୍କ ପାଦତଳେ ଏକ ଭେଟି ପ୍ରଦାନ କରିଛନ୍ତି। ଆଗକୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ବର୍ମା କହିଛନ୍ତି।

## ପୁଲିସ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପୁରୀ, ୨୯।୩(ସମିସ):** ପୁରୀ ପୁଲିସ ପକ୍ଷରୁ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଉନ ଥାନା ଉପରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ପୁଲିସ ଏବଂ ସାମ୍ବାଦିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏସ୍‌ପି ପିନାକ ମିଶ୍ର ଶିବିରକୁ ଉଦ୍‌ଘାଟନ କରିବା ସହିତ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି, ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ ଓ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଏବଂ ସାମ୍ବାଦିକ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମୁଦାୟ ୧୦୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଏହି ଶିବିରକୁ କେୟାର ହସ୍‌ପିଟାଲର ଡାକ୍ତରମାନେ ପରିଚାଳନା କରିଥିଲେ।

## ଭଗବତୀ ବିଦ୍ୟା ନିକେତନର ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଯାପିତ

**ପୁରୀ, ୨୯।୩(ସମିସ):** ସ୍ଥାନୀୟ ଆଖଣ୍ଡଳମଣୀ ତପୋବନ ପରିସରରେ ଅନୁଷ୍ଠିତ ଭଗବତୀ ବିଦ୍ୟା ନିକେତନର ଦୁଇଦିନିଆ ରୌପ୍ୟଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରମେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ ଓଡ଼ିଆ ଭାଷା, ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ। ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାରର ପ୍ରଫେସର ଡ. ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଲକ୍ଷ୍ୟ ସ୍ଥିର କରି ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ।



ଏହି ଅବସରରେ ବନମାଳୀ ପଣ୍ଡାଙ୍କୁ କୈଳାସ ରାୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଶିକ୍ଷାସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅନ୍ୟ କେତେଜଣଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରାଣକୃଷ୍ଣ ମହାପାତ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବୀରେନ୍ଦ୍ର ମହାନ୍ତି, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ ପ୍ରମୁଖ ଏହାର ସୁପରିଚାଳନା କରିଥିଲେ। ସଭାପର୍ବ ପରେ କୁନିକୁନି ପିଲାମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଭିଭାବକଙ୍କ ସମେତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

### ପତିତପାବନ ବାନାକୁ ଅପମାନ
# ତ୍ରୁଟି ନା ଷଡ଼ଯନ୍ତ୍ର, ଉଠିଲା ପ୍ରଶ୍ନ

**ପୁରୀ, ୨୯।୩(ସମିସ)**

ଶ୍ରୀମନ୍ଦିର ନୀଳଚକ୍ରରେ ଉଡୁଥିବା ପତିତପାବନ ବାନା ପ୍ରତି ଅପମାନ। ପ୍ରଥମତଃ ଏହାକୁ ଅନ୍‌ଲାଇନରେ ବିକ୍ରି କରାଯାଉଛି। ହେଲେ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସର ସହ ଯିଏ ଅନ୍‌ଲାଇନରେ ମଗାଉଛନ୍ତି ସେମାନେ ଠକାମୀର ଶିକାର ହେଉଛନ୍ତି। ଭକ୍ତଙ୍କ ଭାବାବେଗକୁ କୁଠାରଘାତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଆମାଜନ୍‌ରେ ବିଜ୍ଞାପକ ଦେଖି ଜଣେ ବ୍ୟକ୍ତି ଅନ୍‌ଲାଇନରେ ନୀଳଚକ୍ର ବାନା ମଗାଇଥିଲେ। ହେଲେ ତାଙ୍କ ପାଖକୁ ଆସିଥିଲା ବିଜେପି ଦଳୀୟ ପତାକା। ଯାହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଭକ୍ତ, ସେବାୟତ ମଧ୍ୟ ଏହାକୁ ଦୃଢ ନିନ୍ଦା କରିଛନ୍ତି। ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। କେବଳ ଏତିକି ନୁହେଁ, କମ୍ପାନୀର ଏଭଳି କାରନାମା ବିଷୟରେ ଯଦି ଫୋନ କରାଯାଉଛି ତେବେ ଖରାପ ଭାଷାରେ ଗାଳିମନ୍ଦ ମଧ୍ୟ ଶୁଣିବାକୁ ମିଳୁଛି।

ନିକଟରେ ପତିତପାବନ ବାନାକୁ ଅପମାନ ଭଳି ଏକ ଘଟଣା ଘଟିଛି। ଆମାଜନ୍ କମ୍ପାନୀ ଅନ୍‌ଲାଇନରେ ଶ୍ରୀମନ୍ଦିର ବାନା ବିକ୍ରି କରୁଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜାଣିବା ପରେ ବାସ୍ତବରେ ଅନ୍‌ଲାଇନରେ ପତାକା ବିକ୍ରି ହେଉଛି ନା ନାହିଁ ପରୀକ୍ଷା କରିବା ଲାଗି ପୁରୀ ବାସେଳିସାହି ବାସିନ୍ଦା ଭଗବାନ ମହାପାତ୍ର ମାର୍ଚ୍ଚ ୧୫ ତାରିଖରେ ଅର୍ଡର କରିଥିଲେ। ବିକ୍ରି ହେଉଥିବା ବାନାର ଦାମ ୯୯୯ ଟଙ୍କା ବୋଲି ଉଲ୍ଲେଖ ରହିଥିଲା। ଏକ ପ୍ରତିଶତ ରିହାତି ହିସାବରେ ସେ ୮୮୯ ଟଙ୍କା ଦେଇ ୧୯ ତାରିଖ ଦିନ ଏହି ଅର୍ଡର ତାଙ୍କ ନିକଟରେ ଆସି ପହଞ୍ଚିଥିଲା। ପ୍ରଥମତଃ ମହାପ୍ରଭୁଙ୍କ ବାନା ବିକ୍ରି କରିବା ଅଧିକାର ଚୁନରା ସେବକଙ୍କର। ଦ୍ୱିତୀୟତଃ କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ମହାପ୍ରଭୁଙ୍କ ବାନା ବିକ୍ରି କରିପାରିବେ ନାହିଁ। ଏ ସମ୍ପର୍କରେ କ୍ରେତା ଭଗବାନ ମହାପାତ୍ର ବିକ୍ରେତାଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ପ୍ରଭୁଙ୍କ ବାନା ବିକ୍ରି କରିବା ଆଇନତଃ କୌଣସି ଅପରାଧ ନୁହେଁ ବୋଲି ଉତ୍ତର ଦିଆଯାଇଥିଲା। ପରେ ସେ ବାନା ଅର୍ଡର କରିଥିଲେ। ତେବେ ଅର୍ଡର ମିଳିବା ପରେ ପ୍ୟାକେଟ ଖୋଲିଥିଲେ ଭଗବାନ। ହେଲେ ସେଥିରେ ଶ୍ରୀମନ୍ଦିର ବାନା ବଦଳରେ ରହିଥିଲା ବିଜେପି ଦଳୀୟ ପତାକା। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସେ କେବଳ ଠକାମିର ଶିକାର ହୋଇନାହାନ୍ତି ବରଂ ତାଙ୍କ ଭାବନା ସହ ଖେଳ ଖେଳାଯାଇଛି। ଏଭଳି ଠକାମୀ ବିରୁଦ୍ଧରେ ସେ ଖାଉଟି ଅଦାଲତ ଓ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ନିକଟରେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା ଖବର ନଜରକୁ ଆସିଥିଲା। ଆମାଜନ୍‌ରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏ ସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୪୯୯ ଟଙ୍କା, ଗୋଟିଏ ୯୯୯ ଟଙ୍କା, ଗୋଟିଏ ୧, ୪୯୯ ଏପରି କି ୨, ୧୯୯ ଟଙ୍କାର ବାନା ମୂଲ୍ୟ ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା ( ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କମ୍ପାନୀ ପ୍ରାୟ ୭ରୁ ୧୦ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବତରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପତିତପାବନ ବାନା ଅର୍ଡର ଦେଲେ ବିଜେପିର ଦଳୀୟ ପତାକା ଆସୁଛି କିପରି? ଏହା କମ୍ପାନୀର ତ୍ରୁଟି ନା ଶ୍ରୀମନ୍ଦିରକୁ ବଦ୍‌ନାମ କରିବା ଲାଗି ଷଡ଼ଯନ୍ତ୍ର ତାକୁ ନେଇ ଏବେ ଉଠିଛି ପ୍ରଶ୍ନ।

## ପୁରୀ ଆର୍ଟିଷ୍ଟ ଆସୋସିଏସନ୍‌ର ବିଶ୍ୱ ନାଟ୍ୟ ଦିବସ ଉଦ୍‌ଯାପିତ




**ପୁରୀ, ୨୯ ।୩(ସମିସ)**

ପୁରୀ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ର ଅନ୍ତିମ ସନ୍ଧ୍ୟାରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଭରତ ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଉପ ସଭାପତି ସବିତା ହରିଚନ୍ଦନ, ତ୍ରିଲୋଚନ ଦାସ, ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ବିରଞ୍ଚି ନାରାୟଣ ଷଡଙ୍ଗୀ, ସହ ସମ୍ପାଦକ ନରସିଂହ ମହାପାତ୍ର, ଭାରତୀ ମହାପାତ୍ର, ଭବାନୀ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ସମୀର ଆଚାର୍ଯ୍ୟ, ପରିଚାଳନା ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ଉପଦେଷ୍ଟା କମିଟି ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, କାମାକ୍ଷା ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ଶୁଭସ୍ମିତା ରାଉତରାୟ, କୃପାସିନ୍ଧୁ ଶତପଥୀ, ପ୍ରମୋଦ କୁମାର ପଟ୍ଟନାୟକ, ଅଭ୍ୟୁଦୟ ଦାଶ, ଅନୁପ ପଟ୍ଟନାୟକ, ଗିରିଶ କୁମାର ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଏହାପରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ସଙ୍ଗୀତ ପରିବେଷଣରେ ମାନସ କୁମାର, ଚିତ୍ରା, ବିମଳ କୁମାର, ସୁଜିତ୍, ଶୁଭ ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ।ଏହାପରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଜାଦୁକର ବିଧୁ ଭୂଷଣ। ଯାହାଙ୍କ ଯାଦୁ ବିଦ୍ୟାକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ ଏବଂ ନିଖୁଣ ଯାଦୁ ବିଦ୍ୟା ପାଇଁ ବିଧୁ ଭୂଷଣଙ୍କୁ ଭୋଜ ବିଦ୍ୟା ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।ସମସ୍ତ ନୃତ୍ୟକୁ ନିର୍ଦ୍ଦେଶକ ମନିଷା ମହାନ୍ତି ଏବଂ ଅମିତ୍ କୁମାର ଚାଟାର୍ଜୀ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସଦସ୍ୟ ରାମକୃଷ୍ଣ ମହାପାତ୍ର। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ସହ ସମ୍ପାଦିକା ଭାରତୀ ମହାପାତ୍ର, ଉପ ସଭାପତି ସବିତା ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଛୁରାମାଡ଼ରେ ଯୁବକ ଗୁରୁତର
## ବସିଥିବା ବେଳେ ପଛପଟୁ ଆକ୍ରମଣ କଲେ ଦୁର୍ବୃତ୍ତ

**ପୁରୀ, ୨୯।୩(ସମିସ):** ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ଚୁଡ଼ଙ୍ଗ ସାହି ମାତା ଗୋସେଇଁ ଲେନ୍‌ର ମନୋଜ ନାୟକ। ତାଙ୍କ ପିଠି ଏବଂ ଅଣ୍ଟାରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଛି। ତାଙ୍କୁ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଶନି ମନ୍ଦିର ଗଳିରେ ଥିବା ଏକ ଦୋକାନ(ଶ୍ରୀମାର୍ଗ କଡ଼) ନିକଟରେ ବସିଥିଲେ ମନୋଜ। ଏହି ସମୟରେ ଦୁଇଜଣ ଯୁବକ ପଛପଟୁ ଆସି ତାଙ୍କୁ ଛୁରାମାଡ଼ କରିଥିଲେ। ଫଳରେ ତାଙ୍କ ପିଠି ଏବଂ ଅଣ୍ଟାରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ପରେ ଯୁବକ ଦ୍ୱୟ ଫେରାର୍ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଏ ସମ୍ପର୍କରେ ଟାଉନ ଥାନାଧିକାରୀ ସୁନୀଲ ପ୍ରଧାନ କହିଛନ୍ତି, ଶନି ମନ୍ଦିର ଗଳିରେ ଥିବା ଏକ ଦୋକାନ ପାଖରେ ମନୋଜ ନାୟକଙ୍କୁ ଛୁରାମାଡ଼ ହୋଇଛି। ଏହି ଖବର ପାଇବା ପରେ ପୁଲିସ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ତେବେ କେଉଁ କାରଣ ପାଇଁ ଏହି ଛୁରାମାଡ଼ କରାଯାଇଛି ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ଯଦିଓ ସୁରାକ୍ ମିଳିଛି ତାହାକୁ ଆଧାର କରି ତଦନ୍ତ ଚାଲିଛି ବୋଲି କହିଛନ୍ତି ଆଇଆଇସି ପ୍ରଧାନ। ସୂଚନାଥାଉ କି, ମନୋଜ ପୂର୍ବରୁ ଖଜା ଦୋକାନ କରିଥିଲେ। ଏବେ ଯାତ୍ରୀ ବ୍ୟବସାୟ କରୁଥିବା ସୂଚନା ମିଳିଛି। ତେବେ ବ୍ୟବସାୟକୁ କେନ୍ଦ୍ର କରି ଛୁରାମାଡ଼ ହୋଇଥିବା ଶୁଣିବାକୁ ମିଳିଛି।

## ଭାରତ ବିକାଶ ପରିଷଦର ନୂତନ କର୍ମକର୍ତ୍ତା

**ସାକ୍ଷୀଗୋପାଳ, ୨୯।୩ ( ସମିସ):** ଭାରତ ବିକାଶ ପରିଷଦର ସତ୍ୟବାଦୀ ଶାଖାର ୨୦୨୪-୨୦୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ପଟ୍ଟନାୟିକିଆ ଛକସ୍ଥିତ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାଶ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ମହିଳା ବାଳ ବିକାଶର କ୍ଷେତ୍ରୀୟ ମହା ସଚିବ ଶ୍ରୀମତି ସୁପ୍ରୀତି ରଥ, ଓଡ଼ିଶା ପୂର୍ବ ପ୍ରାନ୍ତର ସଚିବ ସୌମ୍ୟେନ୍ଦ୍ର ଦାଶ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ମିଡିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ସତ୍ୟବାଦୀ ଶାଖାର ୬୦ ଜଣ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ। ସତ୍ୟବାଦୀ ଶାଖାର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ଭାବେ ନବଘନ ଶତପଥି, ଅର୍ଥ ସଚିବ ଭାବେ ବିଜୟ କୁମାର ପରିଡ଼ା, ସଂଗଠକ ସଚିବ ଭାବେ ସୁନିଲ କୁମାର ବେହେରା, ଉପସଭାପତି ଭାବେ ବିଷ୍ଣୁ ମହାରଣା, ସେବା ସଚିବ ଲିଙ୍ଗରାଜ ସାହୁ, ସଂସ୍କାର ସଚିବ ବିଭୁ ପ୍ରସାଦ ମହାପାତ୍ର, ସ୍ୱାସ୍ଥ୍ୟ ସଚିବ ଅମୀୟ କୁମାର ସ୍ୱାଇଁ, ମହିଳା ବାଳ ବିକାଶ ସଚିବ ରୀତା ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାଶ, ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଗନ୍ତ ପତି, ଦେବାଶିଷ ମିଶ୍ର, ସୁନାକର ପତି, ବୃନ୍ଦାବନ ରଥ, ରବୀନ୍ଦ୍ର ନାଥ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତପସ୍ୱିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଗୁରୁକୁଳ ଉତ୍ସବ ଉଦ୍‌ଘାଟିତ; ଗୁରୁଙ୍କୁ ମିଳିଲା ସମ୍ମାନ




ସାକ୍ଷୀଗୋପାଳ, ୨୯।୩ ( ସମିସ) ପୁରୀ- ଭୁବନେଶ୍ୱର ୩୧୬ନଂ ଜାତୀୟ ରାଜପଥର କରରେ ଅବସ୍ଥିତ ବୀରଗୋବିନ୍ଦପୁର ସ୍ଥିତ ବଡହାଟ ଗ୍ରାମରେ ଅବସ୍ଥିତ ଗୁରୁ ରାମହରି ଦାସ ଓଡିଶି ଗୁରୁକୁଳ ପକ୍ଷରୁ ଗୁରୁକୁଳ ୨୦୨୩ ଉତ୍ସବ ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ସଂଧ୍ୟାରେ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ କଳା ସଂସ୍କୃତି ଓ ଆମ ସଂସ୍କୃତି, ଆମ ପରମ୍ପରା ଓଡିଶୀ ସଙ୍ଗୀତକୁ ବଜାୟ ରଖିବା ସହ ବିଭିନ୍ନ ଦିନରେ ଛାତ୍ରଛାତ୍ରୀଙ୍କୁ ସଠିକ ମାର୍ଗରେ ଶିକ୍ଷା ଦେଇ ଗୁରୁକୁଳର ଅବଦାନକୁ ବେଶ ପ୍ରଶଂସ କରିଥିଲେ। ଏହି ଅବସରରେ ଓଡିଶୀ ଗାୟକ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ ଗୁରୁକୁଳ ସମ୍ମାନରେ ସମ୍ମାନିତ କରିବା ସହ ୨୫ ହଜାର ଟଙ୍କା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଲାଭ କରିଥିବା ଗୁରୁକୁଳର ନୃତ୍ୟ ବିଭାଗର ମୁଖ୍ୟ ଗୁରୁ ନିରଞ୍ଜନ ରାଉତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁରୁକୁଳର ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରଥମ ସଂଧ୍ୟାରେ ଗୁରୁକୁଳର ମର୍ଦ୍ଦଳ ବିଭାଗର ଛାତ୍ରମାନଙ୍କୁ ନେଇ ବୃନ୍ଦ ମର୍ଦ୍ଦଳ ବାଦନ କରାଯିବା ପରେ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଛାତ୍ରୀ ଅର୍ପିତା ସାହୁ ଓ ରଶ୍ମିରେଖା ପରିଡ଼ା ଯୁଗଳ ବନ୍ଦୀରେ ଓଡିଶୀ ଗାୟନ କରିଥିଲେ। ଗୁରୁକୁଳରଓଡିଶି ନୃତ୍ୟ ଶୀଳ୍ପୀମାନେ ଓଡିଶୀ ନୃତ୍ୟରେ ଶିବ ତାଣ୍ଡବ ପରିବେଷଣ କରିଥିଲେ। ପରିଶେଷରେ ପଦ୍ମଶ୍ରୀ ଗୁରୁ ଉତ୍ସବ ଚରଣ ଦାସ ଚଇତି ଘୋଡା ନୃତ୍ୟ ପରିବେଷଣ କରିଥିଲେ। ଗୁରୁକୁଳର ସମ୍ପାଦକ ହିମାଂଶୁ ଶେଖର ସ୍ୱାଇଁ ତତ୍ୱବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁକୁଳର ଟ୍ରଷ୍ଟି ଡ. ଚିତ୍ତରଞ୍ଜନ ମଲ୍ଲିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଅସୀମ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷାକଲେ ଅଂଶୁମାନ

**ପୁରୀ, ୨୯।୩(ସମିସ)**

ସାଧାରଣ ନିର୍ବାଚନକୁ ନେଇ ବିଭିନ୍ନ ଦଳ ପକ୍ଷରୁ ଅଙ୍କକଷା ଚାଲିଛି। କାହାକୁ କେଉଁଠୁ ପ୍ରାର୍ଥୀ କଲେ ଦଳକୁ ଭଲ ଫାଇଦା ମିଳିବ ସେ ନେଇ ନେତୃତ୍ୱମାନେ ଗୋଟିଚାଳନା କରୁଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ପର୍ଯ୍ୟାୟରେ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଉଛି। ତେବେ ପ୍ରାର୍ଥୀ ଘୋଷଣା କ୍ଷେତ୍ରରେ ବିଜେଡି ଆଗରେ ରହିଥିବା ବେଳେ ପଛକୁ ଭାଜପା ରହିଛି। କଂଗ୍ରେସ ଏ ପର୍ଯ୍ୟନ୍ତ ଘୋଷଣା କରିନାହିଁ। ହେଲେ ଯେଉଁମାନଙ୍କ ନାଁ ଘୋଷଣା କରାଯାଉଛି ସେମାନେଙ୍କ ମଧ୍ୟରୁ ଅନେକ ପ୍ରାର୍ଥୀ ପୁରୀ ଆସି ମହାପ୍ରଭୁଙ୍କଠାରୁ ଆଶୀର୍ବାଦ ଲୋଡୁଛନ୍ତି। କିଛିଦିନ ହେବ ଏହି ଧାରା ଲାଗି ରହିଥିବା ବେଳେ ଶୁକ୍ରବାର କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଅଂଶୁମାନ ମହାନ୍ତି ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।

ଅଂଶୁମାନ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେ ମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି ସେଥିରେ ସେ କିପରି ସଫଳ ହେବେ ସେ ନେଇ ମହାପ୍ରଭୁଙ୍କ ନିକଟରେ କାମନା କରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଅଂଶୁମାନ କହିଛନ୍ତି, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆସିଥିଲି। ଖୁସିର ବିଷୟ ଭଲ ଭାବେ ଠାକୁରଙ୍କୁ ଦର୍ଶନ କଲି। ମୁଖ୍ୟମନ୍ତ୍ରୀ ମୋତେ ଯେଉଁ ଦାୟିତ୍ୱ ଅର୍ପଣ କରିଛନ୍ତି ତାକୁ କେମିତି ସୂଚାରୁ ରୂପେ ତୁଲାଇ ପାରିବି, ଧୈର୍ଯ୍ୟ ଏବଂ ନିଷ୍ଠାର ସହିତ କେନ୍ଦ୍ରାପଡ଼ାବାସୀଙ୍କର ସେବା କରିପାରିବି ସେ ନେଇ ମହାପ୍ରଭୁଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଛି। ମୋତେ ମହାପ୍ରଭୁ ସେତିକି ଶକ୍ତି ଓ ଧୈର୍ଯ୍ୟ ଦିଅନ୍ତୁ ବୋଲି କହିଛନ୍ତି ଅଂଶୁମାନ। ସୂଚନାଥାଉ କି, ଅଂଶୁମାନ ବିଜେପିର ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ଲଢେଇ କରିବେ। ୨୦୧୯ ନିର୍ବାଚନରେ ବୈଜୟନ୍ତ ପରାସ୍ତ ହୋଇଥିଲେ।

## ରଥଯାତ୍ରା ସୁପରିଚାଳନା ନେଇ ପ୍ରଶାସନିକ ବୈଠକ ଆଜି

**ପୁରୀ, ୨୯।୩(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହେଲାଣି। ତିନିରଥ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟ କାଠ ଆସି ରଥଖଳାରେ ପହଞ୍ଚିସାରିଛି। ପବିତ୍ର ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ କାମ ଆରମ୍ଭ ହେବ। ତେବେ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେ ନେଇ ଶନିବାର ଅନୁଷ୍ଠିତ ହେବ ପ୍ରଶାସନିକ ବୈଠକ। ପୂର୍ବାହ୍ନ ୧୧ଟାରେ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିବେ। ବୈଠକରେ ମୁଖ୍ୟତଃ ରଥଯାତ୍ରାର ସୁପରିଚାଳନା ନେଇ ଆଲୋଚନା କରାଯିବ। ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି, ଗମନ ଗମନ ବ୍ୟବସ୍ଥା ସହିତ ରଥ ନିର୍ମାଣ ଓ କାଠ ଯୋଗାଣ ଉପରେ ମଧ୍ୟ ହେବ ଆଲୋଚନା। ସେହିପରି ରଥଯାତ୍ରା ଦେଖିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ସହ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରାଯିବ। ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଯୋଗଦେବେ। ଏଥିରେ ଯାହା ଆଲୋଚନା ଏବଂ ପଦକ୍ଷେପ ଗ୍ରହଣ କରାଯିବ ପରବର୍ତ୍ତୀ ସମୟରେ ହେବାକୁ ଥିବା ରଥଯାତ୍ରା ସମନ୍ୱୟ ବୈଠକରେ ସେ ସବୁର ଅଗ୍ରଗତିର ସମୀକ୍ଷା ହେବ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୧ ● ପାଉଣ୍ଡ ୧୦୫.୮୯
- ୟୁରୋ ୯୦.୨୧ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୨,୮୦୦ (ନୂଆଦିଲ୍ଲୀ)
- ରୁପା : ୭୯,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୬୩୫.୦୦
- ନିଫ୍ଟି ୨୨,୩୨୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



---

ନିର୍ବାଚନ ପୂର୍ବରୁ 'ମେଟା'ର ବଡ଼ ନିଷ୍ପତ୍ତି

# ହଟିବ ଫେସ୍‌ବୁକ୍ ନ୍ୟୁଜ୍

## ନିଷ୍ପତ୍ତିରେ ଭାରତ ଓ ଆମେରିକାର ରାଜନୈତିକ ଦଳ ଚକିତ

ଲସ୍‌ଏଞ୍ଜେଲ୍ସ,୨୯।୩(ଏଜେନ୍ସି): ଭାରତ ଏବଂ ଆମେରିକା ଏବଂ ଅନ୍ୟାନ୍ୟ ଦେଶରେ ନିର୍ବାଚନ ଆରମ୍ଭ ହେବା ପୂର୍ବରୁ ବିଶ୍ୱର ପ୍ରସିଦ୍ଧ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍ 'ମେଟା' ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଅନୁଯାୟୀ ମେଟା ଏହାର ଫିଚର 'ଫେସ୍‌ବୁକ୍ ନ୍ୟୁଜ୍'କୁ ହଟାଇଦେବ। ଅପରପକ୍ଷେ ନିର୍ବାଚନ ପୂର୍ବରୁ ମେଟାର ଏହି ନିଷ୍ପତ୍ତି ଭାରତ ଓ ଆମେରିକାରେ ରାଜନୈତିକ ଦଳଗୁଡ଼ିକୁ ଚକିତ କରିଦେଇଛି। ଆହୁରି ମଧ୍ୟ କୋଟି କୋଟି ବ୍ୟବହାରକାରୀଙ୍କ ପାଇଁ ମେଟାର ଏହି ନିଷ୍ପତ୍ତି ଏକ ବଡ଼ ଝଟ୍‌କା ଭାବେ ବିବେଚନା କରାଯାଉଛି। ସୂଚନାଯୋଗ୍ୟ ଯେ ମେଟା ଏପ୍ରିଲ ମାସ ପ୍ରାରମ୍ଭରେ ଆମେରିକା ଏବଂ ଅଷ୍ଟ୍ରେଲିଆରେ ବ୍ୟବହାରକାରୀଙ୍କ ପାଇଁ 'ଫେସବୁକ୍ ନ୍ୟୁଜ୍' ଫିଚର ଶେଷ କରିବାକୁ ଯୋଜନା କରିଛି। ଖବର ଏବଂ ରାଜନୀତିରେ କମ୍ ଗୁରୁତ୍ୱ ଦେବା ଲକ୍ଷ୍ୟନ୍‌ଇଦେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି।



ଏପ୍ରିଲରୁ ନିର୍ବାଚନ ପ୍ରଚାର ବାଟ ବନ୍ଦ

'ଫେସ୍‌ବୁକ୍ ନ୍ୟୁଜ୍' ବନ୍ଦ ହେବା ପରେ ଏହି ଆପରେ ଖବର ଆକାରରେ ରାଜନୈତିକ ଦଳଗୁଡ଼ିକ ଆଉ ନିଜର ପ୍ରଚାର କରିପାରିବେନାହିଁ। ଚଳିତବର୍ଷ ଏପ୍ରିଲରେ ଭାରତରେ ଏବଂ ନଭେମ୍ବରରେ ଆମେରିକାରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ସମୟରେ ମେଟାର ଏହି ନିଷ୍ପତ୍ତି ବିଶ୍ୱର ରାଜନୈତିକ ଦଳ ପାଇଁ ମଧ୍ୟ ଏକ ବଡ଼ ଝଟ୍‌କା। କାରଣ ବର୍ତ୍ତମାନ ଏହି ଆପରେ ରାଜନୈତିକ ଖବର ପରିବେଷିତ ହେବନାହିଁ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀରେ ଏହି ଫିଚରକୁ ମେଟା ବନ୍ଦ କରିଥିଲା। ୨୦୧୯ରେ 'ଫେସବୁକ୍ ନ୍ୟୁଜ୍' ଟ୍ୟାବ୍ ଶୁଭାରମ୍ଭ କରାଯାଇଥିଲା। ଏଥିରେ ଜାତୀୟ ତଥା ଆନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ସହ ଛୋଟ ଏବଂ ସ୍ଥାନୀୟ ପ୍ରକାଶନଗୁଡ଼ିକର ଖବର ରହିଛି। ମେଟା କହିଛି ଯେ ଉପଭୋକ୍ତାମାନେ ତଥାପି ଖବରର ନିବନ୍ଧଗୁଡିକର ଲିଙ୍କ୍ ଦେଖିବାକୁ ସକ୍ଷମ ହେବେ। ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ଅନ୍ୟ ବ୍ୟକ୍ତି କିମ୍ବା ସଂଗଠନ ପରି ସେମାନଙ୍କ ଖବରକୁ ପୋଷ୍ଟ କରି ୱେବ୍‌ସାଇଟକୁ ପ୍ରୋତ୍ସାହିତ କରିବାରେ ସକ୍ଷମ ହେବେ। ସୂଚନାଯାଗ୍ୟ ଯେ, ଗତ କିଛି ବର୍ଷ ହେବ ଏହାର ପ୍ଲାଟଫର୍ମରେ ଅପପ୍ରଚାର ନିୟନ୍ତ୍ରଣକୁ ନେଇ ସମାଲୋଚନାର ସମ୍ମୁଖୀନ ହେବା ପରେ ମେଟା ସମ୍ବାଦ ଏବଂ ରାଜନୈତିକ ବିଷୟବସ୍ତୁଗୁଡ଼ିକୁ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛି। ମେଟା ମୁଖପାତ୍ର ଡାନି ଲିଭର କହିଛନ୍ତି ଯେ, ଏହି ଘୋଷଣା ଆମର ରାଜନୈତିକ ବିଷୟବସ୍ତୁ ପରିଚାଳନା ପାଇଁ ଆମର ଚଳିତବର୍ଷର ଏକ ସମ୍ପ୍ରସାରଣ। ଲୋକମାନେ ଆମଠାରୁ ଯାହା ଚାହୁଁଛନ୍ତି ତାହା ଉପରେ ଏହା ଆଧାରିତ। ତଥାପି, ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାବେଳେ କମ୍ପାନୀ ପାଇଁ ଅପପ୍ରଚାର ତଥାପି ଏକ ବଡ଼ ଆହ୍ୱାନ।

---

## ନୂଆ ସିଟ୍ରୋନ୍ ବାସାଲ୍ଟ ଭିଜନ୍‌ର ପ୍ରଥମ ଝଲକ ଉନ୍ମୋଚିତ

ଭୁବନେଶ୍ୱର,୨୯।୩(ସମିସ): ସିଟ୍ରୋନ ପକ୍ଷରୁ ଏକ ନୂଆ ଏସ୍‌ୟୁଭି କୁପ୍ କନ୍ସେପ୍ଟର ସିଟ୍ରୋନ ବାସାଲ୍ଟ ଭିଜନର ପ୍ରଥମ ଫଟୋଗୁଡ଼ିକୁ ଉନ୍ମୋଚନ କରାଯାଇଛି ଯାହା ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ଭାରତ ଓ ଦକ୍ଷିଣ ଆମେରିକାରେ ବ୍ରାଣ୍ଡର ଉତ୍ପାଦ ଶୃଙ୍ଖଳାରେ ସାମିଲ ହେବ। ଶକ୍ତିଶାଳୀ ଓ ଷ୍ଟାଇଲିସ ଏହି ନୂତନ ମଡେଲ ଗ୍ରାହକଙ୍କୁ ସର୍ବୋତମତା ପ୍ରଦାନ କରିବା ପାଇଁ ବିଭିନ୍ନ ଅଟୋମୋଟିଭ କୋଡ୍ସକୁ ଏକତ୍ର କରିଛି। ଏହା ଏକ କୁପ୍‌ର ତରଳତା ଓ ଗତିଶୀଳତା, ଏକ ଉନ୍ନତ ଏସ୍‌ୟୁଭିର ସୁବିଧା ଓ ଦୃଢତା ଏବଂ ଏକ ୫-ଡୋର ସାଲୋନ୍‌ର ସନ୍ତୁଳନ ଓ ସ୍ଥାନକୁ ଏକତ୍ରିତ



କରିଛି। ମୁଖ୍ୟାଳୟ ଏବଂ ପ୍ରତ୍ୟେକ ଅଞ୍ଚଳରେ ଟିମ୍‌ଗୁଡିକର ପ୍ରତ୍ୟକ୍ଷ ସମ୍ପୃକ୍ତି ସହିତ ବିକଶିତ ଏବଂ ଶକ୍ତିଶାଳୀ ସ୍ଥାନୀୟ ଏକତ୍ରିକରଣରୁ ଉପକୃତ ହୋଇଥିବା ଏହି ମଡେଲ ବାସାଲ୍ଟ ପ୍ରମୁଖ ବଜାରଗୁଡିକରେ ସି୩ ଓ ସି୩ ଏୟାରକ୍ରସ୍ ସହିତ ସିଟ୍ରୋନର ଆନ୍ତର୍ଜାତୀୟ ଅଭିବୃଦ୍ଧିକୁ ସମର୍ଥନ କରିବ। ସମସ୍ତ ୩ଟି ମଡେଲ ଏକ ଶକ୍ତିଶାଳୀ ଚରିତ୍ର ଥିବା ମଡେଲ ଏବଂ ଏକ ସ୍ୱତନ୍ତ୍ର ଆରାମଦାୟକ ଅନୁଭୂତି ବଜାରକୁ ଆଣିବା ପାଇଁ ସମାନ କାର୍ଯ୍ୟକ୍ରମର ଅଂଶ ଅଟନ୍ତି। ବାସାଲ୍ଟ ହେଉଛି ଏକ ମଡେଲର ବିଶ୍ୱସନୀୟ ପ୍ରତିଫଳନ ଯାହାକୁ ଗ୍ରାହକମାନଙ୍କୁ ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ପ୍ରଦାନ କରାଯିବ।

---

# ଭାରତରୁ ପିଆଜ ଆମଦାନି କରିବ ବାଂଲାଦେଶ

ନୂଆଦିଲ୍ଲୀ,୨୯।୩(ଏଜେନ୍ସି): ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ବିଏନ୍‌ପି ଏବଂ ଏହାର ସହଯୋଗୀ ଦଳଙ୍କ ଜାରି ରହିଛି ଭାରତ ବିରୋଧୀ ଅଭିଯାନ। ଭାରତର ବିଭିନ୍ନ ସାମଗ୍ରୀକୁ ବର୍ଜନ ପାଇଁ 'ଇଣ୍ଡିଆ ଆଉଟ୍' କ୍ୟାମ୍ପେନ ମଧ୍ୟ ଜାରି ରଖିଛନ୍ତି ଏହି ବିରୋଧୀ ଦଳର ନେତା। ହେଲେ ଏହାରି ମଧ୍ୟରେ ବାଂଲାଦେଶର ଶେଖ୍ ହସୀନା ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଶେଖ୍ ହସୀନା ସରକାର ଭାରତରୁ ୫୦ ହଜାର ଟନ୍ ପିଆଜ ଆମଦାନୀ ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଉ ଏଭଳି ବିରୋଧ ମଧ୍ୟରେ ଶେଖ ହସୀନା ସରକାରଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସୂଚନାଥାଉକି, ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ବିଏନ୍‌ପି ଏବଂ ଏହାର ସହଯୋଗୀ ଦଳର ନେତା ସେଠାରେ ଭାରତର ପ୍ରଭାବକୁ ଶେଷ କରିବା ପାଇଁ ଅଭିଯାନ ଚଳାଉଛନ୍ତି। ବାଂଲାଦେଶର ବିରୋଧୀ ନେତା ଭାରତ ଉପରେ ଅଭିଯୋଗ ଆଣିଛନ୍ତି ଯେ, ଭାରତ



ବାଂଲାଦେଶର ଲୋକଙ୍କୁ ନୁହେଁ ବରଂ ଶେଖ ହସୀନାଙ୍କ ଦଳ ବାଂଲାଦେଶ ଅଓ୍ୱାମୀ ଲିଗ୍‌ର ସମର୍ଥନ କରୁଛି। ଏହି କାରଣରୁ ସେମାନେ ଅଭିଯାନ ଚଳାଇବା ସହ ଭାରତୀୟ ଉତ୍ପାଦକୁ ସେଠାରେ ବ୍ୟବହାର ପାଇଁ ମନା କରୁଛନ୍ତି। ବାଂଲାଦେଶର ବିରୋଧୀ ନେତାଙ୍କ କହିବା ଅନୁଯାୟୀ ଭାରତର ସମର୍ଥନ କାରଣରୁ ବାଂଲାଦେଶର ଏକତରଫା ନିର୍ବାଚନ ଏବଂ ଶେଖ ହସୀନାଙ୍କ ସରକାରଙ୍କୁ ବୈଶ୍ୱିକ ମାନ୍ୟତା ମିଳିଛି। କ୍ୟାମ୍ପେନ ଅନୁଯାୟୀ, ସେମାନେ ବାଂଲାଦେଶରେ ଭାରତୀୟ ସାମଗ୍ରୀର ବହିଷ୍କାର କରିବାକୁ ଅପିଲ୍ କରୁଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଯଦି ବିରୋଧୀ ନେତାମାନେ ଦଳୀୟ କାର୍ଯ୍ୟାଳୟ ସାମ୍ନାରେ ନିଜ ପତ୍ନୀଙ୍କ ଭାରତୀୟ ଶାଢ଼ି ଜଳାଇବେ ସେତେବେଳେ ଯାଇ ଏହା ପ୍ରମାଣିତ ହେବ ଯେ, ବାସ୍ତବରେ ସେମାନେ ଭାରତୀୟ ଉତ୍ପାଦକୁ ବହିଷ୍କାର କରିବା ପାଇଁ ପ୍ରତିବଦ୍ଧ।"

ସୂଚନାଥାଉକି, ପିଆଜ ରପ୍ତାନୀ ଉପରେ ଭାରତ ବର୍ତ୍ତମାନ ପ୍ରତିବନ୍ଧକ ଲାଗୁ କରିଛି। କିନ୍ତୁ ବାଂଲାଦେଶ ଏବଂ ୟୁଏଇ ପାଇଁ ଏହି ନିୟମ କୋହଳ କରିବା ସହ ରାମଜାନ୍ ଏବଂ ଇଦ୍ ପୂର୍ବରୁ ପିଆଜ ରପ୍ତାନୀକୁ ଅନୁମତି ମିଳିଛି। ବାଂଲାଦେଶର ଏକ ଖବର ପ୍ରସାରଣକାରୀ ଓ୍ୱେବସାଇଟ ଅନୁଯାୟୀ, ବାଣିଜ୍ୟ ମନ୍ତ୍ରାଳୟର ଏକ ସରକାରୀ ସଂସ୍ଥା ଟ୍ରେଡିଂ କର୍ପୋରେସନ ଅଫ୍ ବାଂଲାଦେଶ ଜୀ-ଟୁ-ଜୀ ଆଧାରରେ ଭାରତର ନାସନାଲ କୋଅପରେଟିଭ ଏକ୍ସପୋର୍ଟ୍ସ ଲିମିଟେଡ୍‌ରୁ ପିଆଜ ଆମାଦାନୀ କରିବ। ଅବଶ୍ୟ ପିଆଜର ଦାମ୍ କ'ଣ ରହିବ ତାହା ଏବେ ଖୁଲାସା ହୋଇନାହିଁ। କ୍ୟାବିନେଟ୍ ଡିଭିଜନ ଅତିରିକ୍ତ ସଚିବଙ୍କ କହିବା ଅନୁଯାୟୀ, ଭାରତରୁ ପିଆଜ ଆମଦାନୀକୁ ମଞ୍ଜୁରୀ ପରେ ଏହି ପ୍ରସ୍ତାବ କ୍ୟାବିନେଟ କମିଟି ପାଖକୁ ପଠାଯିବ। ସେହି ସମୟରେ ପିଆଜ ଦରର ଖୁଲାସା କରାଯାଇପାରିବ। ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରାଳୟ ଅନୁଯାୟୀ, ଭାରତ ସରକାର ନାସନାଲ କୋଅପରେଟିଭ ଏକ୍ସପୋର୍ଟସ ଲିମିଟେଡ ମାଧ୍ୟରେ ୟୁଏଇ ଏବଂ ବାଂଲାଦେଶକୁ ୬୪ ହଜାର ଟନ୍ ପିଆଜ ରପ୍ତାନୀ ପାଇଁ ଅନୁମତି ଦେଇଛି। ସେପଟେ ବିଶେଷଜ୍ଞଙ୍କ ମଧ୍ୟ କହିଛନ୍ତି ଯେ, ବାଂଲାଦେଶର ଲୋକଙ୍କ ମଧ୍ୟରେ ଭାରତ ବିରୋଧୀ ଭାବନା ବଢ଼ିଛି। ଏହାର କାରଣ ବିଜେପି ଉପରେ ଲାଗୁଥିବା ମୁସଲିମ ବିରୋଧୀ ଅଭିଯୋଗ। ତେବେ ଭାରତକୁ ବିରୋଧର ସବୁଠୁ ବଡ଼ କାରଣ, ଭାରତର ଶେଖ ହସୀନାଙ୍କ ଦଳ ଆବାମୀ ଲିଗ୍କୁ ସମର୍ଥନ କରିବାକୁ କୁହାଯାଉଛି।କାରର ଦଳ ଗତ ୧୫ ବର୍ଷରୁ ସତ୍ତାରେ ରହିଛି।ବିରୋଧୀ କହିଛନ୍ତି ଯେ, ଆବାମୀ ଲିଗ୍ ୧୫ ବର୍ଷରୁ ଏଥିପାଇଁ ସତ୍ତାରେ ରହିଛି କାରଣ ତାକୁ ଭାରତର ସମର୍ଥନ ରହିଛି। ତଥ୍ୟ ଅନୁଯାୟୀ ୨୦୨୧-୨୨ରେ ଭାରତରୁ ସବୁଠୁ ଅଧିକ ପିଆଜ ବାଂଲାଦେଶ ହିଁ କିଣିଥିଲା।

---

# ଫୋନ୍‌ପେ' ଉପଭୋକ୍ତା ୟୁଏଇରେ କରିପାରିବେ ୟୁପିଆଇ ପେମେଣ୍ଟ

ଭୁବନେଶ୍ୱର,୨୯।୩(ସମିସ): ୟୁଏଇକୁ ଯାତ୍ରା କରୁଥିବା ଫୋନପେ ଆପ୍ ଉପଭୋକ୍ତାମାନେ ବର୍ତ୍ତମାନ ମାଶରେକର ନିଓପେ ଟର୍ମିନାଲରେ ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିପାରିବେ, ଯାହା ବିଭିନ୍ନ ରିଟେଲ ଷ୍ଟୋର, ଡାଇନିଂ ଆଉଟଲେଟ ସହିତ ପର୍ଯ୍ୟଟନ ଏବଂ ଅବକାଶ ବିନୋଦନ କେନ୍ଦ୍ରଗୁଡ଼ିକରେ ଉପଲବ୍ଧ। ଏଥିପାଇଁ କେବଳ କ୍ୟୁଆର କୋଡ୍ ସ୍କାନ୍ କରିବାକୁ ହେବ। ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଦ୍ୱାରା ଏହି କାରବାର ସହଜ ହୋଇଛି। ସୁବିଧା ପାଇଁ ସମସ୍ତ କାରବାର ଭାରତୀୟ ମୁଦ୍ରାରେ ହୋଇଥାଏ। ଏହାବ୍ୟତୀତ, ୟୁଏଇ ମୋବାଇଲ୍ ନମ୍ବର ଥିବା ଏନଆରଆଇମାନେ ମଧ୍ୟ ଫୋନପେ ଆପ୍ ଡାଉନଲୋଡ୍ କରିପାରିବେ ଏବଂ ପେମେଣ୍ଟ ସୁବିଧା ପାଇଁ ସେମାନଙ୍କର ବିଦ୍ୟମାନ ଏନଆରଇ ଏବଂ ଏନଆରଓ ଆକାଉଂଟଗୁଡିକୁ ଲିଙ୍କ୍ କରିପାରିବେ। ଏହାର ଉଦ୍ଦେଶ୍ୟ ହେଉଛି ୟୁଏଇରେ ରହୁଥିବା ଭାରତୀୟ ପ୍ରବାସୀଙ୍କ ପାଇଁ ଟ୍ରାଞ୍ଜାକ୍ସନର ସହଜତା ଏବଂ ସୁବିଧା ବୃଦ୍ଧି କରିବା। ଏନପିସିଆଇ ଇଣ୍ଟରନ୍ୟାସନାଲ ପେମେଣ୍ଟ ଲିମିଟେଡ (ଏନଆଇପିଏଲ) ସହ ମାଶରେକର ସହଭାଗୀତା ମାଧ୍ୟମରେ ଏହି ସହଯୋଗକୁ ସୁଗମ କରାଯାଇଛି। ଏହି ସହଭାଗୀତା ମାଧ୍ୟମରେ, ମାଶରେକ୍ ନିଓପେ ଟର୍ମିନାଲଗୁଡିକୁ ୟୁପିଆଇ ଆପଗୁଡିକୁ ଏକ ଦେୟ ଉପକରଣ ଭାବରେ ଗ୍ରହଣ କରିବାକୁ ସକ୍ଷମ କରିଛି, ଯାହା ଦ୍ୱାରା ଭାରତୀୟ ଯାତ୍ରୀମାନେ ଟ୍ରାଞ୍ଜାକ୍ସନ ପାଇଁ ସହଜରେ ୟୁପିଆଇ ବ୍ୟବହାର କରିପାରିବେ। ଫୋନ୍‌ପେର ସିଇଓ ଇଣ୍ଟରନ୍ୟାସନାଲ୍ ପେମେଣ୍ଟ ରିତେଶ ପାଇ କହିଛନ୍ତି, ମାଶରେକ ସହ ଆମର ସହଭାଗୀତା ଘୋଷଣା କରି ଆମେ ଆନନ୍ଦିତ। ୟୁଏଇ ହେଉଛି ଏକ ଲୋକପ୍ରିୟ ଗନ୍ତବ୍ୟସ୍ଥଳ, ଯେଉଁଠାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ପର୍ଯ୍ୟଟକ ଆସନ୍ତି। ଏହି ସହଭାଗିତା ଜରିଆରେ ଗ୍ରାହକମାନେ ଏବେ ୟୁପିଆଇ ଜରିଆରେ ସହଜରେ କାରବାର କରିପାରିବେ।

## ଭୁବନେଶ୍ୱରରେ 'ରାସ୍ତା' ଓ 'ୟେତି'ର ନୂଆ ଆଉଟଲେଟ୍

ଭୁବନେଶ୍ୱର,୨୯।୩(ସମିସ): ଲୋକପ୍ରିୟ ରାସ୍ତା ଓ ହିମାଲୟାନ୍ କିଚେନ ୟେତି ଭୁବନେଶ୍ୱରରେ ନିଜର ଗ୍ରାଣ୍ଡ ଓପ୍‌ନିଙ୍ଗ ସମ୍ପର୍କରେ ଘୋଷଣା କରିଛି। 'ରାସ୍ତା'ର ଏହି ୯ମ ଆଉଟଲେଟର ଶୁଭାରମ୍ଭ ଏହାର ବଢୁଥିବା ଲୋକପ୍ରିୟତାକୁ ଦର୍ଶାଉଛି। ଭୁବନେଶ୍ୱରର ପଣ୍ଡା ଆଣ୍ଡ କୋ ଲକ୍ଷ୍ମୀସାଗର, ବ୍ରାଇଟ୍ ଷ୍ଟିଲ୍ ନିକଟରେ ୧୦୮୦୦ ବର୍ଗଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ। ଯେଉଁଥିରେ ଏକ ଟେରସ୍ ଓ ତଳ ଫ୍ଲୋର୍ ରହିଛି ଯାହ ଏକ ଅତୁଳନୀୟ ଲାଇଫ୍‌ଷ୍ଟାଇଲ ଅନୁଭୂତି ପାଇଁ ଚମତ୍କାର ପରିବେଶ ପ୍ରଦାନ କରୁଛି। ଭୁବନେଶ୍ୱର ଆଉଟଲେଟ୍ ଉତ୍କର୍ଷତା ପ୍ରତି ରାସ୍ତାର ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ। ଏକ ବୋହେମିଆନ ଭାଇବ୍ ସହ ମିଶ୍ରଣ ହୋଇଥିବା ଭିଣ୍ଟେଜ ରେଗା ଆଏସ୍ଥେଟିକ ସହିତ ଏହି ସ୍ଥାନଟି ଲାଲ, ସବୁଜ, ହଳଦିଆ ଆଦି ରଙ୍ଗରେ ସୁସଜ୍ଜିତ ହୋଇଛି, ଯାହା ବୋହୋ-ଚିକ୍ ଓ ରାସ୍ତା ସୌନ୍ଦର୍ଯ୍ୟତାକୁ ଧାରଣ କରିଛି। ରାସ୍ତାର ପ୍ରତିଷ୍ଠାତା



ଜୟ ସିଂହ ଏହି ନୂଆ ସ୍ଥାନ ସମ୍ପର୍କରେ ନିଜର ମତାମତ ବ୍ୟକ୍ତ କରି କହିଛନ୍ତି, ଭୁବନେଶ୍ୱରରେ ଆମର ନୂଆ ରାସ୍ତା ଆଉଟ୍‌ଲେଟ ପୂର୍ବ ଉପକୂଳର ଉତ୍ସାହକୁ କାରିବିଆନର ଲେଡ୍-ବ୍ୟାକ୍, ଫ୍ରି-ସ୍ପିରିଟେଡ ଭାଇବ୍ ସହ ଏକତ୍ରିତ କରିଛି। ଆମର ଟେରାସ୍ ଓ ତଳ ମହଲାରେ ୨୮୧ ଜଣ ଅତିଥିଙ୍କ ବସିବା ପାଇଁ କ୍ଷମତା ରହିଥିବା ବେଳେ, ଆମେ ଏଭଳି ଏକ ସ୍ଥାନ ପ୍ରଦାନ କରିବା ପାଇଁ ଉତ୍ସାହିତ ରହିଛୁ।

## ଟିପିସିଓଡିଏଲ୍ ପକ୍ଷରୁ ଆର୍ଥ ଆୱାର ପାଳିତ

ଭୁବନେଶ୍ୱର, ୨୯।୩ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପିସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଜରୁରୀ ପଦକ୍ଷେପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆର୍ଥ ଆୱାରରେ ଗର୍ବର ସହ ଅଂଶଗ୍ରହଣ କରିଛି। ୨୦୨୪ ମାର୍ଚ୍ଚ ୨୩ ତାରିଖରେ ଟିପିସିଓଡିଏଲ୍ ପୃଥିବୀ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ଭାବେ ରାତି ସାଢ଼େ ୮ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ୬୦ ମିନିଟ୍ ପାଇଁ ଲାଇଟ୍ ବନ୍ଦ କରିବାକୁ ଗ୍ରାହକମାନଙ୍କୁ ଉତ୍ସାହିତ କରି ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ସହ ମିଶି ଆର୍ଥ ଆୱାର ପାଳନ କରିଥିଲା। ୨୦୨୪ ଆର୍ଥ ଆୱାରର ଶୀର୍ଷକ ଠକ୍ଙ୍କ୍ଗ୍;ସୁଇଚ୍ ଅଫ୍ ଆଣ୍ଡ ଗିଭ ଆନ୍ ଆୱାର ଫର୍ ଆର୍ଥ' ଜରିଆରେ ପରିବେଶ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକୃତି ସହିତ ପୁନଃ ସଂଯୋଗ କରୁଥିବା କାର୍ଯ୍ୟକଳାପ



ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। ଟିପିସିଓଡିଏଲ୍ ଏବଂ ଏହାର ଅଂଶୀଦାରଙ୍କ ଠାରୁ ଆର୍ଥ ଆୱାର ପାଳନ ପାଇଁ ମିଳିଥିବା ପ୍ରତିକ୍ରିୟା ଉଲ୍ଲେଖନୀୟ ଅଟେ। କମ୍ପାନିର କଲ୍‌ସେଣ୍ଟର ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସେମାନଙ୍କ ପରିବାର ସହିତ ଉତ୍ସାହର ସହ ଏହି ପଦକ୍ଷେପକୁ ସମର୍ଥନ କରିଥିଲେ। ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ ଆର୍ଥ ଆୱାର ପାଳନର ଆବଶ୍ୟକତା କୁ ନେଇ କହିଛନ୍ତି ଯେ ଏହା ପୃଥିବୀ ମାତାକୁ ଧନ୍ୟବାଦ ଦେବା ଏବଂ ତାହାର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆମର ପ୍ରତିଶ୍ରୁତିକୁ ନବୀକରଣ କରିବାର ସମୟ। ଆର୍ଥ ଆୱାର ପାଳନ କେବଳ ଏକ ସାଧାରଣ ପଦକ୍ଷେପ ନୁହେଁ, ଏହା ଏକବିଶ୍ୱବ୍ୟାପୀ ଆନ୍ଦୋଳନ ଯାହା ଆମ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଆମର ମିସନରେ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରିଛି।

---

ମୋଦୀ-ବିଲ୍ ଗେଟ୍‌ସ ବୈଠକ

## ଏଆଇ, ମହିଳା ବିକାଶ ଉପରେ ଆଲୋଚନା

ନୂଆଦିଲ୍ଲୀ, ୨୯।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟସଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାକ୍ଷାତ ସମୟରେ ଉଭୟଙ୍କ ମଧ୍ୟରେ ଏଆଇଠାରୁ ମହିଳା ବିକାଶ ଯାଏ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାଛଡ଼ା ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ଏଆଇ, ଡିଜିଟାଲ ପେମେଣ୍ଟ ଆଦି ପ୍ରସଙ୍ଗରେ ମଧ୍ୟରେ ଆଲୋଚନା ହୋଇଛି। ମତ ବିନିମୟ ବେଳେ ପ୍ରଧାନମନ୍ତ୍ରୀ ଦେଶରେ ଦ୍ରୁତ ଗତିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ଗୁରୁତ୍ୱ ବଢି ଚାଲିଥିବା କହିଛନ୍ତି। ପିଲାଙ୍କୁ ସର୍ବଶ୍ରେଷ୍ଠ ଶିକ୍ଷାଦାନ ଉପରେ କାମ ଚାଲିଛି। ଦେଶରେ କୃଷି କ୍ଷେତ୍ରରେ ବଡ଼ ଧରଣର ବିପ୍ଲବ ଆସିଛି। ଗାଁରେ ଡିଜିଟାଲ ସୁବିଧା ପହଞ୍ଚିଛି। ସର୍ଭାଇକାଲ କ୍ୟାନସରକୁ ନେଇ ସରକାର ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି। ଏଥିପାଇଁ କ୍ୟାନସର ପାଇଁ ଟିକା ଉପରେ ଗୁରୁତ୍ୱ ଦିଆଯାଉଛି। ଏତାଛଡା ସକାଳୁ ଶୀଘ୍ର ଉଠିବା ଓ କାମ କରିବାକୁ ତାଙ୍କୁ ଭଲ ଲାଗେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

---

ନୂଆ ଆର୍ଥିକବର୍ଷରୁ ପରିବର୍ତ୍ତନ

# ବଦଳିବ ଆଧାର-ପାନ୍-ଫାସ୍‌ଟ୍ୟାଗ୍ ନିୟମ

ନୂଆଦିଲ୍ଲୀ,୨୯।୩(ଏଜେନ୍ସି): ସରିବାକ ଯାଉଛି ୨୦୩୨-୨୪ ଆର୍ଥିବର୍ଷ। ଆସନ୍ତା ଏପ୍ରିଲ ପହିଲାଠାରୁ ଆରମ୍ଭ ହବାକୁ ଯାଉଛି ନୂଆ ଆର୍ଥିକବର୍ଷ। ତେବେ ଏହି ପହିଲାଠାରୁ ଦେଶରେ ବଦଳିବାକୁ ଯାଉଛି ଅନେକ ବଡ଼ ନିୟମ। ଏଥିରେ ପାନ୍ -ଆଧାର କାର୍ଡ ଏବଂ ଡେବିଟ୍ କାର୍ଡ ସମ୍ବନ୍ଧରେ ବଡ ପରିବର୍ତ୍ତନ ହେବାକୁ ଯାଉଛି। ଏତାଛଡା ପିଏଫ୍ ଆକାଉଣ୍ଟ୍ ସମ୍ବନ୍ଧରେ ବଡ ପରିବର୍ତ୍ତନ ହେବ ବୋଲି ଜଣାପଡିଛି। ଏପ୍ରିଲ ପହିଲା ଆରମ୍ଭ ହେବା ମାତ୍ରେ ସରକାର ଏକ ନୂଆ ବ୍ୟବସାୟ ବର୍ଷର ଆଗମନ ଘୋଷଣା କରିଥାନ୍ତି। ଏହି ଦିନଠାରୁ ଏଥର ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିୟମ ଲାଗୁ ହେବାକୁ ଯାଉଛି। ଟିକସ ନୀତିରେ ଫାସ୍‌ଟ୍ୟାଗ୍‌କୁ ପରିବର୍ତ୍ତନଗୁଡ଼ିକ ବ୍ୟକ୍ତି ଏବଂ ବ୍ୟବସାୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ।

### ଫାସ୍‌ଟ୍ୟାଗ୍ କେୱାଇସି ଅପ୍‌ଡେଟ୍

ଏପ୍ରିଲ୍ ପହିଲାଠାରୁ କାର୍ଯ୍ୟକାରୀ ହେଉଥିବା ଫାସ୍‌ଟ୍ୟାଗ୍ ଉପଭୋକ୍ତାମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ପଡିବ ଯେ କାରବାରରେ ସମ୍ଭାବ୍ୟ ବ୍ୟାଘାତକୁ ଏଡାଇବା ପାଇଁ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ସେମାନଙ୍କର କେୱାଇସି ଅପଡେଟ୍ ହୋଇଛି କି ନାହିଁ। ଏହି ଆଦେଶକୁ ଅନୁପାଳନ ନ କଲେ ଟୋଲ୍ ପେମେଣ୍ଟରେ ବାଧା ସୃଷ୍ଟି ହୋଇପାରେ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନଏଚଆଇ) ନେତୃତ୍ୱରେ ଏହି ପଦକ୍ଷେପ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ଏବଂ ଫାସ୍‌ଟ୍ୟାଗ୍ କାର୍ଯ୍ୟକୁ ସରଳ କରିବା ଲକ୍ଷ୍ୟ ରଖିଛି।

### ପାନ୍-ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ

ପାନକୁ ଆଧାର କାର୍ଡ ସହିତ ସଂଯୋଗ କରିବାର ଶେଷ ତାରିଖ ୩୧ ମାର୍ଚ୍ଚ ୨୦୨୪ ରହିଛି। ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଲିଙ୍କ୍ ସଂପୂର୍ଣ୍ଣ କରିବାରେ ବିଫଳତା କାରଣରୁ ଜଣଙ୍କର ପାନ୍ ନମ୍ବର ବାତିଲ ହୋଇପାରେ। ୧ ଏପ୍ରିଲ୍ ୨୦୨୪ ପରେ ପାନ୍-ଆଧାର ଲିଙ୍କ୍‌ରେ ବିଳମ୍ବ ପାଇଁ ବ୍ୟକ୍ତିବିଶେଷଙ୍କୁ ୧୦୦୦ ଟଙ୍କା ଜୋରିମାନା ଦେବାକୁ ପଡିବ, ଯାହାକୁ ଅନୁପାଳନ କରିବା ଜରୁରୀ । ଏହି ପଦକ୍ଷେପ




ଆର୍ଥିକ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବ ଏବଂ ଠକେଇ କାର୍ଯ୍ୟକଳାପକୁ ରୋକିବ।

### ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର

୧ ଏପ୍ରିଲ୍ ୨୦୨୪ଠାରୁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଏକ ସ୍ୱୟଂଚାଳିତ ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର ବ୍ୟବସ୍ଥା କାର୍ଯ୍ୟକାରୀ କରିବ। ଏହି ପଦକ୍ଷେପ ଚାକିରି ବଦଳାଇବା ସମୟରେ ମାନୁଆଲ ଅନୁରୋଧର ଆବଶ୍ୟକତାକୁ ଦୂର କରିଥାଏ। ଏହାଛଡା ଏହା ପ୍ରଶାସନିକ ପ୍ରକ୍ରିୟାକୁ ସରଳ କରି ବ୍ୟବହାରକାରୀଙ୍କ ପାଇଁ ସମସ୍ତ ଅସୁବିଧାକୁ ମଧ୍ୟ ହ୍ରାସ କରିଥାଏ। ବିନା ବାଧାରେ ଆକାଉଣ୍ଟ ପୋର୍ଟେବିଲିଟିକୁ ସୁଗମ କରିବା, ଇପିଏଫ୍‌ଓ କର୍ମଚାରୀଙ୍କ ଗତିଶୀଳତା ବଢ଼ାଇବା ଏବଂ ଅବସର ସଞ୍ଚୟରେ ଅସୁବିଧାମୁକ୍ତ ପ୍ରବେଶ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି, ଯାହାଫଳରେ ସେମାନଙ୍କୁ କାର୍ଯ୍ୟରେ କୌଣସି ବ୍ୟାଘାତର ସମ୍ମୁଖୀନ ହେବାକୁ ପଡିବନାହିଁ।

### ଏସବିଆଇ କ୍ରେଡିଟ୍ କାର୍ଡ

ଉପଭୋକ୍ତାମାନଙ୍କ ପାଇଁ ସଂଶୋଧିତ ନିୟମ ୧ ଏପ୍ରିଲ ରୁ ଭଡା ଦେୟ ପ୍ରଦାନ କରୁଥିବା ଏସ୍‌ବିଆଇ କ୍ରେଡିଟ କାର୍ଡଧାରୀମାନେ ଆଉ ଆୱାର୍ଡ ପଏଣ୍ଟ ପାଇବେ ନାହିଁ। ଏହି ପଲିସି ଆଡଜଷ୍ଟମେଣ୍ଟ, ପ୍ରାରମ୍ଭରେ କ୍ରେଡିଟ୍ କାର୍ଡ ବାଛିବା ପାଇଁ ପ୍ରଯୁଜ୍ୟ ଏବଂ ୧୫ ଏପ୍ରିଲ୍ ୨୦୨୪ ସୁଦ୍ଧା ଅନ୍ୟମାନଙ୍କୁ ବିସ୍ତାର କରିଥାଏ, ଗ୍ରାହକଙ୍କ ଆଚରଣ ବିକାଶ ହେତୁ ପୁରସ୍କାର ସଂରଚନାକୁ ଯୁକ୍ତିଯୁକ୍ତ କରିବା ଏବଂ ପ୍ରୋତ୍ସାହନ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଯଦିଓ ଏହି ପରିବର୍ତ୍ତନ କିଛି ଉପଭୋକ୍ତାଙ୍କୁ ନିରାଶ କରିପାରେ। ତଥାପି ଏହା କ୍ରେଡିଟ କାର୍ଡ ନୀତିର ପର୍ଯ୍ୟାୟ ସମୀକ୍ଷା ଏବଂ ପରିଶୋଧନର ଆବଶ୍ୟକତାକୁ ଧ୍ୟାନ ରଖିଥାଏ।

# ପାର୍କିଂ ପାଇଁ କଲବଲ ନୟାଗଡ଼ବାସୀ

ନୟାଗଡ଼, ୨୯।୩(ସମିସ):



- ଜରିମାନା ଆଦାୟକୁ ପୁଲିସର ଗୁରୁତ୍ୱ
- ପାର୍କିଂ ବ୍ୟବସ୍ଥା କରୁନି ପ୍ରଶାସନ
- ଭାରୀଯାନ ପାର୍କିଂକୁ ମାଫ୍

ରାସ୍ତାକଡ଼କୁ କବ୍‌ଜା କରୁଛି ଭାରୀଯାନ। ବସ୍, ଟ୍ରକ, ଅନ୍ୟାନ୍ୟ ଭାରୀଯାନ ପାର୍କିଂକୁ ସାତଖୁଣ ମାଫ କରାଯାଉଥିବା ବେଳେ ବାଇକ୍ ଗୁଡ଼ିକ ପୁଲିସ ପାଇଁ ସମସ୍ୟା ସୃଷ୍ଟି କରୁଛି। ବଡ଼ ଗାଡ଼ି, ବଡ଼ ମାଲିକଙ୍କୁ ପ୍ରତି ଅହେତୁକ ଅନୁକମ୍ପା ଥିବା ବେଳେ ସାଧାରଣ ଲୋକଙ୍କୁ ନୀତି ଓ ନିୟମ ପଢ଼ା ଯାଉଛି। ବାଇକ୍ ପାର୍କିଂ ସମସ୍ୟା ସହରକୁ ନାକେଦମ କରି ସାରିଥିବା ବେଳେ ସହର ମଧ୍ୟରେ ମୁଖ୍ୟ ରାସ୍ତାକଡ଼ରେ ମିନିବସ୍, ଅଟୋ ଭଳି ଯାନବାହନ ବେଆଇନ ଭାବେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ରାସ୍ତାଜାମ୍ ହେବା ସହ ବହୁ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି। ଏପଟେ ନୟାଗଡ଼ ପୌର ପରିଷଦ ହାତ ବାନ୍ଧି ବସିଥିବା ବେଳେ ପୁଲିସ କେବଳ ଜରିମାନା ଆଦାୟ କରିବାରେ ବ୍ୟସ୍ତ ରହିଛି। କିନ୍ତୁ ପାର୍କିଂ କରିବା ଲାଗି ଗାଡ଼ି ମାଲିକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଉନଥିବା ବେଳେ ପାର୍କିଂ ସ୍ଥାନ ନିର୍ଦ୍ଧାରଣ କରିବା ଦିଗରେ ନୟାଗଡ଼ ପ୍ରଶାସନ ସମ୍ପୂର୍ଣ୍ଣ ଢିଲା ପଡ଼ିଯାଇଥିବା ମନେ ହେଉଛି। ନୟାଗଡ଼ ସହରରେ ଦୁଇଚକିଆ ଗାଡ଼ି ପାର୍କିଂ ସମସ୍ୟା ସମାଧାନ ହୋଇପାରୁନଥିବା ବେଳେ ରାସ୍ତାକଡ଼ର ଭାରୀଯାନ ପାର୍କିଂ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର କଲେଜ ରୋଡ୍ ସମେତ, ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ, ଖଣ୍ଡପଡ଼ା ରୋଡ ଅଞ୍ଚଳରେ ବେଆଇନ ପାର୍କିଂ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ସନ୍ଧ୍ୟାବେଳେ ବଜାରକୁ ଆସୁଥିବା ଲୋକ ପାର୍କିଂ ସ୍ଥାନ ନଥିବା ଯୋଗୁଁ ଦୋକାନ ଆଗରେ ଗାଡ଼ି ରଖିବାକୁ ବାଧ ହେଉଛନ୍ତି। ସେହି ସ୍ଥାନରେ ଡ୍ୟୁଟି କରୁଥିବା ପୁଲିସ କର୍ମଚାରୀମାନେ ମୋବାଇଲରେ ଗାଡ଼ିର ନମ୍ବର ପ୍ଲେଟର ଫଟୋ ଉଠାଇ ଜରିମାନା ପକାଉଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନୟାଗଡ଼ ସହର ମୁଖ୍ୟ ଟ୍ରାଫିକ ଛକ ସାମ୍ନାରେ ଥିବା ହୋଟେଲଗୁଡ଼ିକ ଆଗ, କେସି କ୍ଲବ ସାମ୍ନା, ପାର୍କ ସାମ୍ନା, ଲେମ୍ବୁ ଛକଠାରୁ ଓଡ଼ଗାଁ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ମାତ୍ରାଧିକ ବାଇକ୍ ପାର୍କିଂ କରାଯାଉଛି। ପାର୍କିଂ ପାଇଁ କୌଣସି ସ୍ଥାନ ଚିହ୍ନଟ ହୋଇନଥିବା ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଜେଲ୍ ପଡ଼ିଆକୁ ତାର ବାଡ଼ ବୁଲାଇ ଆବଦ୍ଧ କରାଯାଇଥିବା ବେଳେ ଉକ୍ତ ସ୍ଥାନରେ ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ସହର ଦିନକୁ ଦିନ ବିକଶିତ ହେଉଥିବା ବେଳେ ପାର୍କିଂ ସମସ୍ୟା ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

## ରଣପୁରରେ କଂଗ୍ରେସର ସାଙ୍ଗଠନିକ ବୈଠକ



ରଣପୁର, ୨୯ ।୩(ସମିସ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ମା' ମଣିନାଗ ମନ୍ଦିର ନିକଟସ୍ଥ କଲ୍ୟାଣମଣ୍ଡପଠାରେ ରଣପୁର ବ୍ଲକ କଂଗ୍ରେସ ତରଫରୁ ଚଳିତ ବର୍ଷ ନିର୍ବାଚନୀ ଇସ୍ତାହାର ଘୋଷଣା ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ କଂଗ୍ରେସର ଦଶ ଦଫା ଗ୍ୟାରେଣ୍ଟି କାର୍ଡକୁ ନୟାଗଡ଼ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଉନ୍ମୋଚନ କରିଛନ୍ତି। ରଣପୁର ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ପାଇକରାୟଙ୍କ ସଂଯୋଜନାକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦକ ବରିଷ୍ଠ ନେତା ହୁସେନ ଖାନ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ସତ୍ୟବ୍ରତ ନାୟକ, ସତ୍ୟରଞ୍ଜନ ମଣ୍ଡା, ନଗର କଂଗ୍ରେସ ସଭାପତି, ଯୁବ ନେତା ବିଭୂପ୍ରସାଦ ମିଶ୍ର, ଡିସିସି ଉପସଭାପତି ସୁରେନ୍ଦ୍ର ନାଥ କଳସ, ବରିଷ୍ଠ ନେତା ସୁକାନ୍ତ ସେନାପତି, ପ୍ରକାଶ ଚନ୍ଦ୍ର ନାୟକ, ଜୋନ୍ ସଭାପତି ସାରଦା ପ୍ରସାଦ ସୁବୁଦ୍ଧି, ଅନିଲ ପରିଡ଼ା, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରଣପୁର ବ୍ଲକ କଂଗ୍ରେସର ପ୍ରଣତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ରେ ୪୦ ଛୁଇଁଲା ତାପମାତ୍ରା

ନୟାଗଡ଼, ୨୯।୩(ସମିସ): ନୟାଗଡ଼ ଜିଲ୍ଲାରେ ଗତ ସପ୍ତାହକ ମଧ୍ୟରେ ତାପମାତ୍ରା ଅହେତୁକ ବୃଦ୍ଧି ପାଇଛି। ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ୪୦ ଡିଗ୍ରୀ ତାପମାତ୍ରା ରହିଥିବା ଦେଖାଯାଇଛି। ଗତ ଏକ ସପ୍ତାହ ତଳେ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ଏବେ ତାପମାତ୍ରା ବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରିବା ଆରମ୍ଭ କରିଛି। ମାର୍ଚ୍ଚ ମାସରୁ ଏତେ ପରିମାଣରେ ତାପମାତ୍ର ବୃଦ୍ଧି ପାଇବା ଚିନ୍ତାର ବିଷୟ ପାଲଟିଛି। ନୟାଗଡ଼ ଜିଲ୍ଲାରେ ମାର୍ଚ୍ଚ ମାସରେ ହାରାହାରି ୭୦.୨୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜଣାଯାଇଛି। ଭାପୁର ବ୍ଲକରେ ୭୯ ମିଲିମିଟର, ଦଶପଲ୍ଲା ୫୫, ଗଣିଆ ୬୮, ଖଣ୍ଡପଡ଼ା ୧୧୫, ନୟାଗଡ଼ ୫୮, ନୂଆଗାଁ ୫୬, ଓଡ଼ଗାଁ ୬୮, ରଣପୁର ବ୍ଲକରେ ଏହି ମାସରେ ୬୧ ମିଲିମିଟର ବର୍ଷା ରେକର୍ଡ ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ ଦୁଇ ଦିନ ହେବ ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ବେଳେ ଆଗକୁ ଆହୁରି ବଢ଼ିବ। ଏହାରି ମଧ୍ୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡିଗ୍ରୀ ଛୁଇଁଛି ତାତି। ଟିଟିଲାଗଡ଼, ବଲାଙ୍ଗୀର, ବୌଦ୍ଧ, ଭବାନୀପାଟଣା ଏବଂ ନୟାଗଡ଼ରେ ଆଜି ୪୦ ଡିଗ୍ରୀ ଛୁଇଁଛି ସର୍ବୋଚ୍ଚ ତାପମାତ୍ରା। ଏ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ଥିତି ଆଗକୁ ଜାରି ରହିବା ସହ ତାପମାତ୍ରାରେ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ବସନ୍ତପୁର ତିନିଦୋଳ ଯାତ୍ରା ଉଦ୍‌ଯାପିତ



ଖଣ୍ଡପଡ଼ା, ୨୯।୩(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ବସନ୍ତପୁର ଗ୍ରାମରେ ଅନୁଷ୍ଠିତ ତିନିଦୋଳ ଯାତ୍ରା ଉଦ୍‌ଯାପିତ ହୋଇଛି। ଆଜି ସନ୍ଧ୍ୟାରେ ଧଳାବନ୍ଧ ଗ୍ରାମର ତାରେଶ୍ୱର ମହାଦେବ, ବସନ୍ତପୁର ଗ୍ରାମର ଚନ୍ଦ୍ରଶେଖର ମହାଦେବ, ହନୁମାନ, ଶ୍ରୀରଘୁନାଥ ଏବଂ ନିମପାଟଣା ଗ୍ରାମର ବାନା ଠାକୁରଙ୍କର ପାରମ୍ପରିକ ରୀତିନୀତିରେ ମେଳଣ ଅନୁଷ୍ଠିତ ହେବା ପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଠାକୁରଙ୍କୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିବା ବେଳେ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

- ଦିନରେ ଫାଙ୍କା; ରାତିରେ ମଉକା

## ସହରକୁ ଆସୁଛି ବେଆଇନ ବାଲି ହାଇୱା

ନୟାଗଡ଼, ୨୯।୩(ସମିସ): ରାଜସ୍ୱ ଫାଙ୍କିବାକୁ ବାଲି ମାଫିଆ ଏବଂ ଗାଡ଼ି ମାଲିକ ରାତିକୁ ମଉକା ଭାବେ ଧରି ନେଇଛନ୍ତି। ମହାନଦୀରୁ ନୟାଗଡ଼ ସହରକୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ବାଲି ବୁହା ଯାଉଥିବା ବେଳେ ସେଥିରୁ ଅଧାରୁ ଅଧିକ ବେଆଇନ୍ ବୋଲି ଜଣାଯାଇଛି। ଜିଲ୍ଲାର ବିକାଶନୁସାରେ କୋଠାବାଡ଼ି, ଘରଦ୍ୱାର ଏବଂ ଉନ୍ନତିମୂଳକ କାର୍ଯ୍ୟ ବର୍ଷସାରା ଚାଲୁ ରହୁଥିବାରୁ ପ୍ରତ୍ୟେକ ଦିନ ନୟାଗଡ଼ ସହରବାସୀଙ୍କୁ ଶତାଧିକ ହାଇୱା ଟ୍ରିପ୍ ବାଲିର ଆବଶ୍ୟକତା ପଡୁଛି। ଏହି ବାଲି କଟକ ଜିଲ୍ଲା ନରସିଂହପୁର ବ୍ଲକ ଏକଡାଳ ବାଲିଘାଟରୁ ଉଠାଯାଉଛି। ଦିନ ଅପେକ୍ଷା ରାତିରେ ବେଆଇନ ବାଲି ଚାଲାଣ ହେଉଛି। ପୂର୍ବରୁ ଜିଲ୍ଲା ପୁଲିସ ପକ୍ଷରୁ ବାଲି ଗାଡ଼ି ଧରପଗଡ଼ ହେବା ପରେ ଏହି ବେଆଇନ ବାଲି ଚାଲାଣରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ଏବେ ପୁଣି ଏହା ଚାଲୁ ହୋଇଛି। ରାତି ୮ଟାରୁ ଆରମ୍ଭ କରି ସକାଳ ୬ଟା ମଧ୍ୟରେ ଗୋଟିଏ ଗୋଟିଏ ହାଇୱା ୨ରୁ ୩ ଟ୍ରିପ୍ ବାଲି ଉଠାଉଥିବା ସୂଚନା ମିଳିଛି। କେୱାଇ ଫର୍ମ ବାଲିଘାଟ ରସିଦ୍ ନଆଣି ବାଲି ଗାଡ଼ି ଏବଂ ବାଲି ଘାଟ ନିଲାମ ନେଇଥିବା ବ୍ୟକ୍ତି ସରକାରଙ୍କ ରାଜସ୍ୱ ହାନୀ କରୁଥିବା ବେଳେ ଗୋଟିଏ ଗାଡ଼ିରେ ଅତ୍ୟଧିକ ବୋଝେଇ ବାଲି ଅଣାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ସହର ମଧ୍ୟକୁ ଆସୁଥିବା ଏହି ବାଲି ଗାଡ଼ିଗୁଡ଼ିକୁ ହାତ ମାରିବା ପାଇଁ ନୟାଗଡ଼ ତହସିଲ ପ୍ରଶାସନର ସାହାସ ନଥିବା ଭଳି ମନେ ହେଉଛି। ଗ୍ରାମାଞ୍ଚଳରେ ଟ୍ରାକ୍ଟର୍ ଧରି ଜରିମାନା ଆଦାୟ କରାଯାଉଥିବା ବେଳେ ସହରକୁ ଆସୁଥିବା ହାଇୱା ଗୁଡ଼ିକୁ ଆଦୌ ଯାଞ୍ଚ କରାଯାଉନଥିବା ଅଭିଯୋଗ ହୋଇଛି। ନୟାଗଡ଼ ତହସିଲ ଏବଂ ହାଇୱା ମାଲିକଙ୍କ ମଧ୍ୟରେ ଭିତିରି ବୁଝାମଣା ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କଟକ ଜିଲ୍ଲା ନରସିଂହପୁର ବାଲିଘାଟରୁ ବେଆଇନ ଭାବେ ବାଲି ଆଣି ହାଇୱା ମାଲିକ ଏବଂ ବାଲି ମାଫିଆ ଲାଭବାନ ହେଉଥିବା ବେଳେ ସରକାର ବିପୁଳ ପରିମାଣର ରାଜସ୍ୱ କ୍ଷତି ସହୁଛନ୍ତି। ଏହି ବାଲି କେଲେଙ୍କାରୀ ପଛରେ ଏକ ବଡ଼ ର୍‌ୟାକେଟ୍ କାମ କରୁଥିବା ଅଭିଯୋଗ ହେଉଛି। ଯେଉଁ ର୍‌ୟାକେଟ୍ ତହସିଲ, ମାଫିଆ ଏବଂ ହାଇୱା ମାଲିକଙ୍କ ସହ ଯୋଗସୂତ୍ର ରକ୍ଷା କରୁଛି। ନୟାଗଡ଼ ତହସିଲରେ ଚାଲିଥିବା ଏହି ବେଫିକର ନୀତି ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ସେବାୟତଙ୍କୁ ଦେବୋତ୍ତର ବିଭାଗର ଅଣଦେଖା | ଶ୍ରମିକଙ୍କଠାରୁ ମିଳୁଛି କମ୍ ପାରିଶ୍ରମିକ



ଓଡ଼ଗାଁ, ୨୯ ।୩(ସମିସ): ପ୍ରସିଦ୍ଧ ଓଡ଼ଗାଁ ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରେ ପାରମ୍ପରିକ ଭାବେ କୌଳିକ ବୃତ୍ତି ଆଧାରରେ ବର୍ଷବର୍ଷ ଧରି କାର୍ଯ୍ୟକରି ଆସୁଥିବା ସେବାସୀଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ରାଜ୍ୟରେ ଶ୍ରମିକଙ୍କ ପାଇଁ ଦିନକୁ ୫ ଶହ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଉଥିବା ବେଳେ ସେବାୟତଙ୍କୁ ମାତ୍ର ୧୪୦ ଟଙ୍କା ଦିଆଯାଉଛି। ଏନେଇ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରଘୁନାଥଙ୍କ ମନ୍ଦିରରେ ପୂଜକ ଓ ସୁଆର ସେବାସୀ ୧୭୦ ଜଣଙ୍କ ସହିତ ମିଶି ମୋଟ ୨ ଶହ ଜଣ ବର୍ଷ ବର୍ଷ ଧରି ସେବା କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କୁ ଅଣଦେଖା କରାଯାଇଛି। ବର୍ତ୍ତମାନ ସମୟରେ ୧୪୦ ଟଙ୍କା ପ୍ରାପ୍ୟରେ ପରିବାର ଚଳେଇବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଛି। ଏଥିରେ ଘରର ଦୈନନ୍ଦିନ ପରିଚାଳନା ସହିତ ପିଲାଙ୍କ ପାଠପଢ଼ା, ମେଡିକାଲ ଚିକିତ୍ସା ଓ ବୃଦ୍ଧବୃଦ୍ଧାଙ୍କ ଦେଖାଶୁଣା କରିବା ସମ୍ଭବପର ହେଉନାହିଁ। ଅନ୍ୟପକ୍ଷରେ ସେବାସିମାନେ ଦିନତମାମ ମନ୍ଦିର କାର୍ଯ୍ୟରେ ନିୟୋଜିତ ହୋଇ ରହୁଥିବାରୁ ଅନ୍ୟ କୌଣସି କାର୍ଯ୍ୟ କରିବାକୁ ମଧ୍ୟ ସମୟ ନାହିଁ। ମନ୍ଦିରରେ କାର୍ଯ୍ୟ ସମୟରେ ବସାଉଠା ପାଇଁ ମଧ୍ୟ ପ୍ରଶାସନ ଦ୍ୱାରା କୌଣସି ବ୍ୟବସ୍ଥା ନାହିଁ। ସମସ୍ତ ଦିଗକୁ ବିଚାରକୁ ନେଇ ସେବାସୀମାନଙ୍କ ଅସୁବିଧାଗୁଡ଼ିକୁ ତ୍ୱରିତ ସମାଧାନ ପାଇଁ ପରିଷଦ ତରଫରୁ ଦାବି ହୋଇଛି। ସମାନ ଭାବେ ଶରଣକୁଳ ଲଡୁବାବା ମନ୍ଦିର ଏବଂ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ସେବାୟତମାନେ କାର୍ଯ୍ୟ କରୁଛନ୍ତି। ବଜାର ଦର ବୃଦ୍ଧି ପାଉଥିବା ବେଳେ କେବେ ସେବାୟତଙ୍କ ପାରିଶ୍ରମିକ ବୃଦ୍ଧି କରାଯିବା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ରହିଥିବା ମଠ ଓ ମନ୍ଦିରଗୁଡ଼ିକର ଜମିଜମାକୁ ଦଖଲ କରି ବିକ୍ରି ବଟା କରି ଲୋକେ ମାଲାମାଲ ହେଉଥିବା ବେଳେ ଦେବୋତ୍ତର ବିଭାଗ ସେବାୟତଙ୍କୁ କେବେ କୃପାଦୃଷ୍ଟିରେ ଚାହିଁବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗାଳ୍ପିକ ବଂଶୀଧର ରାଉତଙ୍କ ବାର୍ଷିକ ସ୍ମୃତିସଭା

ଖୋର୍ଦ୍ଧା, ୨୯।୩(ସମିସ): ବିଶିଷ୍ଟ ଗାଳ୍ପିକ, ନାଟ୍ୟକାର ତଥା ଓଡ଼ିଶା ସାହତ୍ୟ ଏକାଡ଼େମୀ ଦ୍ୱାରା ସମ୍ବର୍ଦ୍ଧିତ ସାହିତ୍ୟିକ ବଂଶୀଧର ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ସାମନ୍ତରାପୁର ସିଦ୍ଧେଶ୍ୱର ମନ୍ଦିର ପରିସରରେ ନାଟ୍ୟକାର ଲାଲମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ସୂର୍ଯ୍ୟ ମିଶ୍ର, ସନ୍ନ୍ୟାସୀ ନାୟକ, ଡ଼. କୈଳାସ ଚନ୍ଦ୍ର ମହାରଣା, ଡ଼. ସୁରେଶ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଜ୍ଞାନରଞ୍ଜନ ଦାଶ, ବିଜୟ ସେଠୀ, ସଞ୍ଜୟ ପଟ୍ଟନାୟକ, ଡ଼. ନିରଞ୍ଜନ ମହାନ୍ତି, ଅଧ୍ୟାପିକା ସୌଦାମିନୀ ପାଇକରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସରୋଜ ପଟ୍ଟନାୟକ, ଲଳିତ ମହାପାତ୍ର, କେଲୁ ଚରଣ ସାମନ୍ତରାୟ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଦୁଇ ପୁତ୍ର ବିଶ୍ୱଜିତ୍ ରାଉତ ଓ ସତ୍ୟଜିତ୍ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀ ଉମାମହେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ



ବାଲୁଗାଁ, ୨୯।୩(ସମିସ); ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବ ଶ୍ରୀ ଉମାମହେଶ୍ୱର ଦେବଙ୍କ ୨୧ ଦିନ ବ୍ୟାପୀ ଦଣ୍ଡଉତ୍ସବ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇ ସମାରୋହରେ ଚାଲିଛି। ଦଣ୍ଡ ଠାକୁର ଆବିର୍ଭାବ ନିମନ୍ତେ ରବିବାର ମଧ୍ୟ ରାତ୍ରିରେ ୧୩ ଭଗତା ବାଲୁଗାଁ ପାଟଣା ସାହି ସ୍ଥିତ ଗାଦିଶ୍ୱର ପୀଠ କାମନା ଗୃହରୁ ଉମାମହେଶ୍ୱର ଦେବଙ୍କ ମନ୍ଦିରରେ ପହଁଞ୍ଚିଥିଲେ। ପାରମ୍ପରିକ ନୀତି ଅନୁଯାୟୀ ନିଶା ରାତ୍ରରେ ସେଠାରେ କାଳିକା ପୂଜା, କାମନା ପୂଜା, ସପ୍ତଋଷି ପୂଜା, ଦଶଦିଗପାଳ ପୂଜା ପରେ ଠାକୁରଙ୍କୁ ଆବିର୍ଭାବ କରାଯାଇଥିଲା। ଦଣ୍ଡ ଠାକୁରଙ୍କୁ ପାଣିତୋଳା କରାଯାଇ ନୂତନ ବସ୍ତ୍ର ଓ ଫୁଲରେ ସଜ୍ଜିତ କରାଯାଇଥିଲା। ପରେ ସ୍ନାନ ତୁଠରେ ଶୈବ ପୂଜା, ପାପ ନାଶିନି ପୂଜା କରାଯିବା ପରେ ଦଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ସ୍ନାନ ତୁଠରୁ ଦଣ୍ଡ ଠାକୁର ମନ୍ଦିରକୁ ଆଗମନ କରି ଚଳନ୍ତି ପ୍ରତିମାଙ୍କ ଠାରୁ ଆଜ୍ଞାମାଳ ପାଇ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଦିନ ଠାରୁ ୨୧ଦିନ ବ୍ୟାପି ଦଣ୍ଡ ଉତ୍ସବ ଆରମ୍ଭ ହୋଇଥିବା ବେଳେ ଦୈନନ୍ଦିନ ବିଭିନ୍ନ ଗ୍ରାମ ଭ୍ରମଣ କରି ମାନଷିକ ଓ କୋଠ ଦ୍ୱାର ମାନଙ୍କରେ ପାଣିତୋଳା ସହିତ ଦଣ୍ଡନୃତ୍ୟ ପରିବେଷଣ ପାରମ୍ପାରିକ ରିତୀନିତୀ ରେ ଅନୁଷ୍ଠିତ ହେଉଅଛି। ଯାହା ୨୧ ତମ ଦିନରେ ମେରୁ ପର୍ବ ପାଳନ କରାଯାଇ ନିଶା ରାତ୍ରରେ ଦଣ୍ଡ ଠାକୁର ବିଦାୟ ନେବା ପର ଦିନ ଆସନ୍ତା ସଂକ୍ରାନ୍ତି ତିଥିରେ ଦଣ୍ଡ ଉତ୍ସବ ଉଦ୍‌ଯାପନୀ ହେବ। ଏଥିନିମନ୍ତେ ସମଗ୍ର ବାଲୁଗାଁ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି।

## ବିଶିଷ୍ଟ କଳାକାରଙ୍କ ସ୍ମୃତି ସଭା

ଖୋର୍ଦ୍ଧା, ୨୯।୩(ସମିସ): ସ୍ଥାନୀୟ ଗୁରୁଜଙ୍ଗ ଟାଙ୍ଗିସାହି ରେ ରହୁଥିବା ବିଶିଷ୍ଟ କଳାକାର ବୀରକିଶୋର ସୁନ୍ଦରାୟଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ କବି, କଳାକାର, ନେତୃ ବର୍ଗ, ସମାଜସେବୀ ଯୋଗଦେଇ ସ୍ୱର୍ଗତ ସୁନ୍ଦରାୟଙ୍କ ଫୋଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଗୁଣଗାନ କରିଥିଲେ। ସ୍ୱର୍ଗତ ବୀରକିଶୋର ୧୯୫୩ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ୨୦୨୪ ମାର୍ଚ୍ଚ ୧୪ ରେ ୭୧ ବର୍ଷରେ ମୃତ୍ୟୁବରଣ କରିଥିଲେ ।ସେ ଜଣେ ବିଶିଷ୍ଟ କଳାକାର ଯଥା -ରାମ ନାଟକ, ବିଭିନ୍ନ ସାମାଜିକ ନାଟକରେ ନିଜର ନିଖୁଣ କଳା ମାଧ୍ୟମରେ ଅଭିନୟ କରି ଖୋର୍ଦ୍ଧା ଅଞ୍ଚଳ ରେ ବେଶ ପରିଚିତ ଥିଲେ । ବୟସର ଅପରାହ୍ନ ରେ ଦୀର୍ଘ ଦିନ ଧରି ରୋଗ ଶଯ୍ୟା ରେ ପଡ଼ିଥିଲେ ମଧ୍ୟ କଳାକୁ ଜୀବନର ବ୍ରତ ବୋଲି ଧରି ନେଇଥିଲେ ।ସେ ଆନ୍ଦୋଳନ, ସମର୍ପଣ ପରିବାର, ଉତ୍କଳ ଯୁବ ସାଂସ୍କୃତିକ ସଂଘ, ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ, ସଂସ୍କାର ଭାରତୀ ଭଳି ଅନୁଷ୍ଠାନ ରୁ ସମ୍ମାନିତ ହୋଇଥିଲେ ।ଏହି ସ୍ମୃତି ସଭାରେ ନିଜର ପୁତ୍ର ସୁମନ୍ତ କୁମାର ସୁନ୍ଦରାୟ, ହେମନ୍ତ କୁମାର ସୁନ୍ଦରାୟ, ଦୁଇ ଝିଅ, ଜ୍ୱାଇଁଙ୍କ ସମେତ ବନ୍ଧୁ ବାନ୍ଧବ ପ୍ରମୁଖ ଏହାକୁ ଆୟୋଜନ କରିବା ସହିତ ପିତାଙ୍କର ସ୍ମୃତି ସଭାରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

### ଗାଈଗୋରୁଙ୍କ କବ୍‌ଜାରେ ନୟାଗଡ଼ ସହର

# ପୌର ପରିଷଦର କାର୍ଯ୍ୟାନୁଷ୍ଠାନ ଶୂନ

ନୟାଗଡ଼, ୨୯।୩(ସମିସ):



ମୁଖ୍ୟ ରାସ୍ତାରେ ଯାନବାହନ କମ୍ ଆଉ ଗାଈଗୋରୁ ଅଧିକ। ଯେଉଁଥିପାଇଁ ଗାଡ଼ି ଚଳାଇବା ଦୂରର କଥା ଚାଲି ଯିବା ପାଇଁ ମଧ୍ୟ ଲୋକେ ହଇରାଣ ହେଉଛନ୍ତି। ସକାଳଠାରୁ ସନ୍ଧ୍ୟା, ସବୁ ସମୟରେ ମୁଖ୍ୟ ରାସ୍ତାରେ ରାଜ୍ କରୁଛନ୍ତି ଗାଈଗୋରୁ। କିନ୍ତୁ ସବୁ ଦେଖି ମଧ୍ୟ ନୟାଗଡ଼ ପୌର ପରିଷଦ ହାତ ବାନ୍ଧି ବସିଛି। ଫଳରେ ଏହାର ପରିଣାମ ଭୋଗୁଛନ୍ତି ସହରବାସୀ। ନୟାଗଡ଼ ଜିଲ୍ଲାର ସଦର ମହକୁମା ହେଉଛି ନୟାଗଡ଼ ସହର। ଜିଲ୍ଲାର ସମସ୍ତ ମୁଖ୍ୟ କାର୍ଯ୍ୟାଳୟ ସହିତ ମୁଖ୍ୟ ଚିକିତ୍ସାଳୟ ମଧ୍ୟ ଏଠାରେ ରହିଛି। ରାତି ପାହିଲେ ସହରବାସୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ନିଜ କାମ ନେଇ ଏଠାକୁ ଆସନ୍ତି। ସହରର ସମସ୍ତ ପ୍ରବେଶ ପଥରେ ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ସହରର ଟ୍ରାଫିକ ଛକ ସମେତ, କଲେଜ ରାସ୍ତା, ଖଣ୍ଡପଡ଼ା ରାସ୍ତା, ପୁରୁଣା ସହର ରାସ୍ତା ଓ ସିନ୍ଦୁରିଆ ରାସ୍ତାଗୁଡ଼ିକରେ ରାସ୍ତା ଉପରେ ହିଁ ଗାଈଗୋରୁ ଶୋଉଛନ୍ତି। ମଝି ରାସ୍ତାରେ ଗାଈଗୋରୁ ଚଳପ୍ରଚଳ କରୁଥିବା ଯୋଗୁଁ ସହରରେ ରାସ୍ତାଜାମ ଅଧିକ ହେଉଥିବା ଅଭିଯୋଗ ହେଉଛି। ଏଥିସହ ବହୁ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ନଜିର ରହିଛି। ଗାଈ ମାଲିକମାନେ ନିର୍ଭୟରେ ରାସ୍ତା ଉପରକୁ ଛାଡ଼ି ଦେଉଥିବା ବେଳେ ପୌର ପରିଷଦର ଢିଲାପଣ ଯୋଗୁଁ ମାଲିକମାନେ ମଧ୍ୟ ଖାତିର କରୁନାହାନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଗାଈଗୋରୁଙ୍କୁ ଉଠାଇବା ଲାଗି ପୌର ପରିଷଦର ନିଜସ୍ୱ ଗାଡ଼ି ନଥିବା ଜଣାପଡ଼ିଛି। ରାସ୍ତା ଉପରୁ ଗାଈଗୋରୁଙ୍କୁ ହଟାଇବା ଦିଗରେ ପୌର ପରିଷଦର କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ସହରର ଏହି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୌର ପରିଷଦ ଲୋକଦେଖାଣିଆ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହୁଥିବା ବେଳେ ବାସ୍ତବରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶ୍ନ ଉଠିଛି।

# ୯୮ ବର୍ଷରେ ଗୋଡ଼ିପଡା ଦୋଳ ମେଳଣ

ଖୋର୍ଦ୍ଧା, ୨୯।୩(ସମିସ)

ଖୋର୍ଦ୍ଧା ନିକଟସ୍ଥ ଗୋଡିପଡ଼ାରେ ଦୋଳ ଉତ୍ସବ ବହୁ ଆଡମ୍ବର ରେ ଅନୁଷ୍ଠିତ ହୋଇଛି। ହୋଲି ଦିନ ମଧ୍ୟ ରାତିରେ ଜମାଣ ଗୋଡିପଡ଼ାତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଥାନାପତି ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ ପାଇ ୭୦ରୁ ଊର୍ଦ୍ଧ୍ୱ ଠାକୁର ଠାକୁରାଣୀ ବିଭିନ୍ନ ଗ୍ରାମରୁ ଗୋଡିପଡ଼ା ମେଳଣ ପଡ଼ିଆ ରେ ବିରାଜମାନ ହୋଇଛନ୍ତି। ମେଳଣ ପଡ଼ିଆ ରେ ପଡ଼ିଥିବା ଚାଟ, ଚଟପଟି ଖାଦ୍ୟ ଏବଂ ମନୋହର ଦୋକାନରେ ଲୋକଙ୍କ ଭିଡ ଜମିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କ ମନ ମୋହିଛି।

୯୮ବର୍ଷ ରେ ପଦାର୍ପଣ କଲା ଗୋଡିପଡ଼ାର ଦୋଳ ମେଳଣ ଉତ୍ସବ।



ପ୍ରତିବର୍ଷ ପରି ଚଳିତ ବର୍ଷ ହୋଲି ଦିନ ମଧ୍ୟ ରାତ୍ରିରେ ଗୋଡିପଡ଼ାର ଦୋଳ ମେଳଣର ଥାନାପତି ଠାକୁର ବାବା ବାଲୁଙ୍କେଶ୍ୱର ପ୍ରଥମେ ପାଟ ପଟୁଆର ରେ ମେଳଣ ପଡ଼ିଆରେ ବିଜେ କରିଛନ୍ତି। ଥାନାପତିଙ୍କ ନିମନ୍ତ୍ରଣ ପାଇ ଦୋଳ ପଡ଼ିଆ ରେ ବିମାନରେ ବିରାଜମାନ କରିଛନ୍ତି ନିକଟସ୍ଥ ବିଭିନ୍ନ ଗ୍ରାମର ଠାକୁର ଠାକୁରାଣୀ। ମେଳଣ ପଡ଼ିଆରେ ଦୁଇ ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ରିତିନିତି ଅନୁଯାଇ ମେଳଣ ପଡ଼ିଆରେ ଠାକୁରଙ୍କ ନୀତିକାନ୍ତି କରାଯିବା ସହ ପାରମ୍ପରିକ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥାଏ। ଆମ ସଂସ୍କୃତି ପରମ୍ପରାକୁ ଉଜ୍ଜିବିତ ରଖିବା ନେଇ ଭାଇଚାରାରେ ଗୋଡିପଡ଼ା ଏବଂ ଆଖପାଖ ଗ୍ରାମର ଗ୍ରାମବାସୀମାନେ ଦୋଳ ମେଳଣ ଉତ୍ସବକୁ ପାଳନ କରିଥାନ୍ତି। ଦୋଳଉତ୍ସବ ଅବସରରେ ଗୋଡିପଡ଼ାର ମେଳଣ ପଡ଼ିଆରେ ବିଭିନ୍ନ ସିପ୍ରକାରର ଉଠା ଦୋକାନ ପଡ଼ିଛି। ଚାଟ, ଚଟପଟି ଆଦି ଖାଦ୍ୟର ଖାଇ ଲୋକେ ମଜା ନେଉଛନ୍ତି। ମନୋହର ଆଦି ଦୋକାନରେ କିଣାବିକାର ଆସର ବେସ୍ ଜମିଛି। ବେପାର ଭଲ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ସେପଟେ ଦୋଳ ପଡ଼ିଆ ରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଯାତ୍ରା ଲୋକଙ୍କ ମନୋରଞ୍ଜନ କରୁଛି। ଲୋକେ ଗୋଡିପଡ଼ା ଦୋଳ ଯାତ୍ରାର ଭରପୁର ମଜା ନେଉଛନ୍ତି।

## ମଳିପଡ଼ାରେ ପଞ୍ଚୁଦୋଳ ଯାତ୍ରା



ନିରାକାରପୁର, ୨୯ ।୩(ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାରେ ପଞ୍ଚୁ ଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଯାତ୍ରା କମିଟି ତରଫରୁ ତିନିଦିନ ବ୍ୟାପି ଯାତ୍ରା ଇନ୍ଦ୍ରଭୁବନ ଦର୍ଶକ ଙ୍କୁ ଯାତ୍ରା ଶେଷ ପର୍ଯ୍ୟନ୍ତ ବାନ୍ଧି ରଖୁଛି। ଯାନୀ ଯାତ୍ରା, ବିଭିନ୍ନ ପସରା ମେଳଣ ପଡ଼ିଆ କୁ ସୁନ୍ଦର ମଣ୍ଡିତ କରୁଛି। ହରିହର ମେଳଣରେ ମୁଖ୍ୟ ଠାକୁର ହେଲେ ମଳିପଡ଼ା ବଡ଼ମଠ ର ବଳଦେବଜୀଉ। ଏହି ମେଳଣରେ ପାଖଆଖ ଅଞ୍ଚଳ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି ସଭ୍ୟମାନେ ଏହାକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି।

## ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଯାପିତ

ନିରାକାରପୁର, ୨୯ ।୩(ସମିସ): ପାରମ୍ପାରିକ ଲୋକକଳା, ଆମ ସଂସ୍କୃତିକୁ ମନେ ପକାଇ ଲୋକଲୋଚନକୁ ଆଣିବା ଆଞ୍ଚଳିକ ଦୋଳ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଣ୍ଡୋ ଲଦୁକେଶ୍ୱରଙ୍କ ପୀଠରେ ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ମହୋତ୍ସବର ଉଦ୍‌ଘାଟନ ଦିବସରେ କମିଟି ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, ସରପଞ୍ଚ ବିନୋଦିନୀ ଦାଶ, ସମିତିସଭ୍ୟ ବିକାଶ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଳାକାର ପ୍ରତିଭା ସମ୍ମାନ ପଦ୍ମନାଭ ସାହୁ, ରବିନାରାୟଣ ସାହୁ, ଦୁର୍ଯ୍ୟୋଧନ ବିଶ୍ୱାଳ, ସଂଯୁକ୍ତ ରାଉତରାୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ପ୍ରିୟଦର୍ଶିନୀ ଦାଶ ପ୍ରମୁଖଙ୍କ ଅତିଥି ମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କମିଟି ସମ୍ପାଦକ ମହେନ୍ଦ୍ର କୁମାର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ଦିନ କଳାକାର ଓଡ଼ିଶୀ ନୃତ୍ୟ, ଗୋଟିପୁଅ ଓ ରାମ ନାଟକ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




### ● ଜିଲ୍ଲାପାଳଙ୍କ ଚିଲିକା ନିର୍ବାଚନ ମଣ୍ଡଳୀ ଗସ୍ତ

## ବିଭିନ୍ନ ନିର୍ବାଚନୀ ବୁଥ ତଦାରଖ

ବାଲୁଗାଁ, ୨୯ ।୩ (ସମିସ) : ଆଗାମୀ ସାଧାରଣ ନିର୍ବାଚନର ସୁପରିଚାଳନା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନ ଚିଲିକା ବ୍ଲକ ଅନ୍ତର୍ଗତ ବିରିବାଡ଼ି, ହରିପୁର, ଛୋଟରାୟପୁର, ବଡ଼କୁଳ, ପରବଳ ନିର୍ବାଚନୀ ବୁଥ ଓ ବାଣପୁର ବ୍ଲକ ଅନ୍ତର୍ଗତ ନଛିପୁର, ନରେନ୍ଦ୍ରପୁର, କୋଳଥଡିହ ନିର୍ବାଚନୀ ବୁଥ ଏବଂ ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ରାମପୁର ଓ କେ କେ ନୂଆଗାଁ ଆଦି ବିଭିନ୍ନ ନିର୍ବାଚନୀ ବୁଥ ଗସ୍ତ କରି ବିଭିନ୍ନ ସୁବ୍ୟବସ୍ଥାର ତଦାରଖ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ନିର୍ବାଚନ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ଚିଲିକା ବିଡ଼ିଓ ହଳଧର ଶବର, ତହସିଲଦାର ଚକ୍ରଧର ପାଢ଼ୀ, ବାଣପୁର ବିଡିଓ ଶୀତଳ ଅଗ୍ରୱାଲ ଓ ତହସିଲଦାର ଟି. ପଦ୍ମନାଭ ଦୋରା ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍ ଗୁଡିକ ପରିଦର୍ଶନ କରି ସେଠାରେ ଉପଲବ୍ଧ ବିଦ୍ୟୁତ, ପାନୀୟ ଜଳ, ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଗମନା ଗମନ ବ୍ୟବସ୍ଥା, ପରିମଳ ଆଦି ସମସ୍ତ ଅତ୍ୟାବଶକୀୟ ବ୍ୟବସ୍ଥା ର ତଦାରଖ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ର ପ୍ରକୋପ ଧିରେ ଧିରେ ବୃଦ୍ଧି ପାଇବାରେ ଲାଗି ଥିବା ବେଳେ ଆଗାମୀ ନିର୍ବାଚନ ସମୟରେ ପ୍ରବଳ ଖରା କୁ ଦୃଷ୍ଟିରେ ରଖି ସମସ୍ତ ବୁଥ ନିକଟରେ ଥିବା ଅଚଳ ନଳକୂପ ଗୁଡିକୁ ଯଥାଶୀଘ୍ର ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ରାଣା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ

ବେଗୁନିଆ, ୨୯ । ୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋରସ୍ଥିତ କୁଞ୍ଜ ବିହାରୀ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ମସିହା ବ୍ୟାଚର ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ଅଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ପଣ୍ଡା, ଯୋଗୀନାଥ ସାହୁ, ଶିକ୍ଷକ ବୀରକିଶୋର ପଣ୍ଡା, ନୀଳମଣି ମାଝୀଙ୍କ ସମେତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସହଦେବ ଚନ୍ଦ ଓ ବ୍ରଜବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷାୟତନର ପବିତ୍ରତା ଓ ଗୁରୁଶିଷ୍ୟ ପରମ୍ପରା ପୁରାତନ କାଳରୁ ଚିରଦିନ ପାଇଁ ଉଜ୍ଜୀବିତ ରହିଛି ବୋଲି ମତପ୍ରକାଶ କରିଥିଲେ। ପରେ ଗୋପୀନାଥ ଚନ୍ଦ, ଜନାର୍ଦ୍ଦନ ବେହେରା, ବସନ୍ତ ନାୟକ, ଅନାଦି ସାହୁ, ଜ୍ୟୋସ୍ନାରାଣୀ ମହାପାତ୍ର, ଛବିଲତା ମାଝୀ, ମିନତୀ ମହାପାତ୍ର ଅଞ୍ଜନା ଦାଶଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଭାରତୀୟ ବିଦ୍ୟାନିକେତନର ବାର୍ଷିକ ଉତ୍ସବ



ବେଗୁନିଆ, ୨୯ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହଗ୍ରାମ ସ୍ଥିତ ଭାରତୀୟ ବିଦ୍ୟା ନିକେତନର ସପ୍ତଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାନିକେତନର ପ୍ରତିଷ୍ଠାତା ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ ଉପେନ୍ଦ୍ର ଦାଶ ମୁଖ୍ୟ ଅତିଥି, ପଣ୍ଡିତ ସତ୍ୟବାଦୀ ଦକ୍ଷଶ ମୁଖ୍ୟବକ୍ତା, ଶିକ୍ଷକ ଅଖିଳେଶ ମହାପାତ୍ର ସମ୍ମାନିତ ଅତିଥି ଓ ପ୍ରଭାକର ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଗୁରୁଜନମାନଙ୍କୁ ସମ୍ମାନ ଦେବା ସହ ଶୃଙ୍ଖଳିତ ଭାବେ ଅଧ୍ୟୟନ କରି ଦେଶର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ପର୍ଶୁରାମ ମିଶ୍ର ଅତିଥି ପରିଚୟ ଦେଇ ଥିବା ବେଳେ କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ। ଶେଷରେ ଗୁରୁମା ସୁକାନ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମାମାନେ ସହଯୋଗ କରିଥିଲେ।

## ବାବା ବାଲୁଙ୍କେଶ୍ୱରଦେବଙ୍କ ପାଣିତୋଳା ଉତ୍ସବ



କୁହୁଡ଼ି, ୨୯ ।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ଆରାଧ୍ୟ ଠାକୁର ବାବା ବାଲୁଙ୍କେଶ୍ୱରଦେବଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର କୃଷ୍ଣ ପ୍ରତିପଦ ତିଥିରେ ପବିତ୍ର ଦଣ୍ଡ ଠାକୁରଙ୍କ ପାନିତୋଳା ପାରମ୍ପରିକ ଭାବରେ କରାଯାଏ। ଠାକୁରଙ୍କ ପାଟଭକତା, ଭକତା, କାଳସୀ, ପାଟଦଣ୍ଡୁଆ ଓ ଶ୍ରଦ୍ଧାଳୁଙ୍କ ନିଷ୍ଠାପର ଉପାସନା ତଥା ପୂଜାର୍ଚ୍ଚନାରେ ସମ୍ପୂର୍ଣ୍ଣ ପୂର୍ବସୁରା ଅନୁସାରେ ନିଶାର୍ଦ୍ଧରେ ପାଣିତୋଳା ଉତ୍ସବ କରାଯାଇ ଦଣ୍ଡଠାକୁରଙ୍କୁ ଆବାହନ କରାଯାଏ। ଗ୍ରାମର କଳାକାର ଠାକୁରଙ୍କ ଉଦ୍ଦେଧଶ୍ୟରେ ପାରମ୍ପରିକ ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି। ବାବା ବାଲୁଙ୍କେଶ୍ୱରଦେବ ଅଞ୍ଚଳର ପ୍ରତ୍ୟକ୍ଷ ଠାକୁରଭାବେ ଜଣାଶୁଣା ହୋଇଥିବାରୁ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଓ ଜନସାଧାରଣ ଦଣ୍ଡନାଚ ଦେଖିବା ପାଇଁ ଭିଡ଼ ଜମିଥାଏ।

## ମା' ଭୈରବୀ ଦେବୀଙ୍କ ପୀଠରେ ବାର୍ଷିକ ଉତ୍ସବ

ନିରାକାରପୁର, ୨୯ ।୩(ସମିସ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ଗ୍ରାମପଞ୍ଚାୟତର କାଶିପୁର ଗ୍ରାମର ମା'ଭୈରବୀ ଦେବୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ବେଗୁନିଆ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ସାହୁ, ଟାଙ୍ଗି ବ୍ଲକ ଅଧ୍ୟକ୍ଷା ରିଶ୍ନା ମାନ୍ଧାତା ଓ ଉପ ।ଧକ୍ଷ ଦୁର୍ଗା ନାଥ ଶର୍ମାଙ୍କ ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ।



## ହାଟକେଶ୍ୱର ପୀଠରେ ନବାହ୍ନପାରାୟଣ ଶୁଭାରମ୍ଭ

ବେଗୁନିଆ, ୨୯ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ପଞ୍ଚାୟତ ଅନ୍ତର୍ଗତ ଅଟ୍ରିସ୍ଥିତ ହାଟକେଶ୍ୱର ଦେବ ତଥା ଏକାଦଶ ରୁଦ୍ରଙ୍କ ପୀଠରେ ନବାହ୍ନ ପାରାୟଣ ଓ ରାମଚରିତ ମାନସର ଶୁକ୍ରବାର ଅପରାହ୍ନରେ ଶୁଭାରମ୍ଭ ହୋଇଛି। ଏଥିରେ ପଣ୍ଡିତ ଦୀପକ କୁମାର ଦାଶ ଓ ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗ ଦେଇ ଶୁଭ କଳସ ସ୍ଥାପନ ପରେ ରୀତି ନୀତି ଅନୁଯାଇ ପାରାୟଣ ଶୁଭାରମ୍ଭ ହୋଇ ନବ ଦିନ ବ୍ୟାପୀ ପଠନ କାର୍ଯ୍ୟକ୍ରମ ଚାଲୁରହିବ। ଅକ୍ରୁର ରଣା, ଭବାନୀ ଶଙ୍କର ମହାପାତ୍ର, ନାରାୟଣ ବେହେରାଙ୍କ ସମେତ ହାଟକେଶ୍ୱରଙ୍କ ଭକ୍ତବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।



## ବୋଲଗଡ଼ ପ୍ରିମିୟର ଲିଗ୍ | ମହାବୀର ୱାରିଅର୍ ଓ ରାଜା ଫାଇଟର୍ ବିଜୟୀ




ବୋଲଗଡ଼, ୨୯।୩(ସମିସ): ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ(ବିପିଏଲ)ର ଦଶମ ସଂସ୍କରଣର ଶୁକ୍ରବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚ୍‌ରେ ଦୁଇ ଫ୍ରାଞ୍ଚାଇଜ ଦଳ ମହାବୀର ୱାରିଆର ଓ ରାଜା ଫାଇଟର ଦଳ ବିଜୟ ଲାଭ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ମଧ୍ୟାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରାଜା ଫାଇଟର ଓ ସ୍ମାଇଲ ଇଲେଭେନ ମଧ୍ୟରେ ମୁକାବିଲା ହୋଇଥିଲା। ସ୍ମାଇଲ ଇଲେଭେନ ଦଳ ଟସ୍ ଜିତି ବୋଲିଂ ନିଷ୍ପତି ନେଇଥିଲା। ରାଜା ଫାଇଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ସ୍ମାଇଲ ଏଲେଭେନ ଦଳ ୧୦ ଓଭର ଖେଳି ୫ ଉଇକେଟ ହରାଇ ୧୨୧ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ରାଜା ଫାଇଟର ଦଳ ମ୍ୟାଚ୍ ଜିତି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିବା ବେଳେ ଏହି ଦଳର ଖେଳାଳି ଆଲୋକ ବେହେରା ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆମ୍ପାୟର ଭାବେ ମାଷ୍ଟର ରୀଙ୍କୁ ଓ ପ୍ରଦୀପ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ମହାବୀର ୱାରିଆର ଓ ଫିଲ୍ଡ ଫାଇଟର ଦଳ ପରସ୍ପରକୁ ଭେଟିଥିଲେ। ଫିଲ୍ଡ ଫାଇଟର ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତିନେଇ ନିର୍ଦ୍ଧାରିତ ୯.୪ ଓଭାରରେ ସମସ୍ତ ଉଇକେଟ ହରାଇ ୫୮ରନ ସଂଗ୍ରହ କରିଥିଲା। ଏହାକୁ ମହାବୀର ୱାରିଆର ଦଳ ୫.୨ ଓଭର ଖେଳି ୧ ଉଇକେଟ ହରାଇ ୫୯ ରନ କରି ହାସଲ କରି ମ୍ୟାଚ୍ ବିଜେତା ହୋଇଥିଲା। ବିଜେତା ଦଳର ଖେଳାଳି କାଲୁରି ସାହୁ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ଆମ୍ପାୟର ଭାବେ ଲୁଲୁ ବିନଦାସ ଓ ପ୍ରଦୀପ ନାୟକ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହଂଶୁ ଓ ଛମ୍ମା ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ



ଜଟଣୀ, ୨୯ ।୩(ସମିସ): ଜଟଣୀ ଥାନା ଅନ୍ତର୍ଗତ କୁଦିଆରି ମେଳଣ ପଡ଼ିଆରେ ରହୁଥିବା ଯୁବ ଇଞ୍ଜିନିୟର ମିଳନ ମହାନ୍ତି (୪୫) ଗୁରୁବାର ରାତ୍ର ସାଢେ ୧ଟାରେ ଜଟଣୀ ବ୍ଲକ ସମ୍ମୁଖରେ ଏକ ହାଇୱା ଟ୍ରକ ଚାପାରେ ମୃତ୍ୟୁ ବରଣ କରିଛନ୍ତି। ଖବର ମୁତାବକ, ମିଳନ ଖୋର୍ଦ୍ଧାରେ ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟକରନ୍ତି। ମାତ୍ର ଗତ କାଲି ମାର୍ଚ୍ଚ ମାସ ଶେଷ ସପ୍ତାହ ହେତୁ ଡବଲ ଡ୍ୟୁଟି ସାରି ବାଇକ୍‌ରେ ରାତ୍ର ସାଢ଼େ ୧ଟା ସମୟରେ ଖୋର୍ଦ୍ଧା ରୁ ନିଜ ଗ୍ରାମ କୁଦିଆରିକୁ ଫେରୁଥିଲେ। ବ୍ଲକ ଅଫିସ ଆଗରେ ଥିବା ଧାଡି ହମ୍ପସ ପାଖରେ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ। ଗାଡିଟି ରାସ୍ତା କଡରେ ପଡ଼ିଥିବା ବେଳେ ଚାଳକ ରାସ୍ତା ମଝିରେ ଛିଟିକି ପଡ଼ିଥିଲେ ଦୁର୍ଭାଗ୍ୟକୁ ସେହି ସମୟରେ ପଛରୁ ଆସୁଥିବା ବାଉଁଶ ବୋଝେଇ ହାଇୱା ଟ୍ରକ ତାଙ୍କ ଅଣ୍ଟା ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନିୟ ଲୋକେ ଆମ୍ବୁଲାନ୍ସ ଯୋଗେ ଏମ୍‌ସ ପଠାଇଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ହାଇୱା ଗାଡି ଓ ଚାଳକକୁ ଜଟଣୀ ଥାନାରେ ଅଟକ ରଖାଯାଇଛି। ଶୋକାକୁଳ ପରିବେଶରେ ଶବ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଅନ୍ତିମ ସଂସ୍କାର କରାଯାଇଥିଲା।

## ସ୍ପିଡବ୍ରେକର୍ ନିର୍ମାଣ ଦାବିକଲେ ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା, ୨୯।୩(ସମିସ): ଦୁର୍ଘଟଣା ରୋକିବା ନିମନ୍ତେ ରାସ୍ତା ଉପରେ ସ୍ପିଡ ବ୍ରେକର ନିର୍ମାଣ ଦାବିରେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସମ୍ପାଦକ ରାମଶଙ୍କରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ଦୃତ ଗତିରେ ଯାତାୟତ କରୁଥିବା ଯାନବାହାନ ଗତି ଉପରେ ରୋକ ଲଗାଇବା ପାଇଁ ସହରର ମୁଖ୍ୟ କେତେକ ଜନବହୁଳ ସ୍ଥାନରେ ବା ଛକରେ ଗତି ପ୍ରତିରୋଧକ ନିର୍ମାଣ କରିବା ଆବଶ୍ୟକ ହୋଇପଡ଼ିଛି। ତେଣୁ ସହରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ଦ୍ୱାର, ଚଣ୍ଡିଚୁଆ ଛକ, ଗଜପତି ରାମଚନ୍ଦ୍ରଦେବ ଛକ, ନୂଆବସଷ୍ଟାଣ୍ଡ, ଷ୍ଟେଟବ୍ୟାଙ୍କ ତଥା ବିଜେବି ହାଇସ୍କୁଲ କୁ ଯିବା ରାସ୍ତାରେ ଗତି ପ୍ରତିରୋଧକ ନିର୍ମାଣ କରିବା ପାଇଁ ଦାବୀ କରାଯାଇଛି। ଏହିଛକମାନଙ୍କରେ ବହୁ ସମୟରେ ଦୃତ ଗତିରେ ଆସୁଥିବା ଯାନବାନାହ ଦ୍ୱାରା ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସେହିପରି ସହରର କେତେକ ସ୍ଥାନରେ ହମ୍ପସ କରାଯାଇଥିଲେ ହେଁ ତାହା ଜଣା ପଡୁନଥିବାରୁ ଲୋକମାନେ ହମ୍ପସ ଥିବା ନ ଜାଣି ପାରି ଦୁର୍ଘଟଣାରେ ସମ୍ମୁଖୀନ ହୋଇଛନ୍ତି। ତେଣୁ ଏପରିସ୍ଥିତିରେ ହମ୍ପସ ଥିବା ସ୍ଥାନରେ ଧଳାରଙ୍ଗ ଲଗାଗଲେ ଏହା ହମ୍ପସ ବୋଲି ଚାଳକମାନେ ଜାଣିପାରିବେ। ଫଳରେ ହମ୍ପସର କୌଣସି ସୂଚନା ନଥିବାରୁ ବହୁ ଦୁର୍ଘଟଣା ବୃଦ୍ଧି ପାଉଥିବା ବରିଷ୍ଠ ନାଗରିକ ମଞ୍ଚ ଅଭିଯୋଗ କରିଛି।

## ବାଣପୁରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା



ବାଣପୁର, ୨୯ ।୩(ସମିସ):ବାଣପୁର କଲେଜ ରୋଡ ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବାଣପୁର ଶାଖା ନିକଟରେ ଏଚଡ଼ିଏଫସି ବ୍ୟାଙ୍କର ନୂତନ ବାଣପୁର ଶାଖା ଉଦ୍‌ଘାଟିତ ହୋଇ ଯାଇଛି। ଏଚଡ଼ିଏଫସି ବ୍ୟାଙ୍କ ଓଡ଼ିଶାର ୨୨୭ ତମ ତଥା ଖୋର୍ଦ୍ଧା ଜିଲ୍ଲାର ୪୪ ତମ ନୂତନ ବାଣପୁର ଶାଖାକୁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ଏଚଡ଼ିଏଫସି ବ୍ୟାଙ୍କ କ୍ଲଷ୍ଟର ହେଡ଼ ଅନିମେଶ ବିଶ୍ୱାଳ, ବାଣପୁର ଶାଖା ପରିଚାଳକ ଅମୁଲ୍ୟ ନାୟକ, ବାଲୁଗାଁ ଶାଖା ପରିଚାଳକ ଉତ୍କଳ ରାଉତ, କୁଞ୍ଜୁରୀ ଶାଖା ପରିଚାଳକ ହିମାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦଘାଟନ ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ବାଣପୁର ବ୍ଲକର ୪ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପ୍ରାୟ ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ଶାଖା ପରିଚାଳକ ଶ୍ରୀ ନାୟକ କହିଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ, ୨୯ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତ ସ୍ଥିତ ସଭା ଗୃହରେ ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ନେହରୁ ଯୁବକେନ୍ଦ୍ର ମିଳିତ ସହଯୋଗରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ ଅଧ୍ୟକ୍ଷତାରେ ସରପଞ୍ଚ ପ୍ରଣତି ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗା ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥି ପ୍ରଧାନ, ୱାର୍ଡସଭ୍ୟ ରୁକ୍ମିଣୀ କର ଓ ପଞ୍ଚାୟତ ନିର୍ବାହୀଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଦେଶର ସୁନାଗରିକ ସଚେତନ ହୋଇ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଭୋଟ ଦେବା ପାଇଁ ସଚେତନ କରିଥିଲେ। ନେହରୁ ଯୁବ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ରଜନୀଗନ୍ଧା ସାମନ୍ତରାୟ ସଭା ପରିଚାଳନା କରିଥିଲେ। ପ୍ରୋଜେକ୍ଟ ପଏଣ୍ଟର ଯୁବ ପରିଦର୍ଶକ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାରଙ୍କ ଦ୍ୱାରା ଭୋଟର ସଚେତନତା କାର୍ଯ୍ୟକ୍ରମକୁ ପରିବେଷଣ କରିଥିଲେ।

# ବିପୁଳ ବିସ୍ଫୋରକ ଜବତ, ମୁଖ୍ୟ ସପ୍ଲାଏର୍ ଗିରଫ

ଜଟଣୀ, ୨୯ ।୩(ସମିସ)

ଜଟଣୀ ଥାନା ଅନ୍ତର୍ଗତ ବଡ଼ନୂଆଗାଁରେ ବେଆଇନ୍ ଭାବେ ବିସ୍ଫୋରକ ତିଆରି ଗୋଦାମରେ ଶୁକ୍ରବାର ଜଟଣୀ ପୁଲିସ ଚଢ଼ଉ କରିଛି। ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବଡ଼ ନୂଆଗାଁର ଉମାକାନ୍ତ ଶତପଥୀ (୪୯)। ଉମାକାନ୍ତ ବିସ୍ଫୋରକ ତିଆରି କରି ଜଟଣୀ ସମେତ ପାଖ ଅଞ୍ଚଳର ଗ୍ରାହକଙ୍କୁ ବିକ୍ରି କରିବା ସହ ଅପରାଧୀଙ୍କୁ ମଧ୍ୟ ବୋମା ଯୋଗାଇ ଆସୁଥିଲା। ଗୁରୁବାର ଏକ ଗ୍ୟାଙ୍ଗର ୫ଜଣିଆ ଅପରାଧୀକୁ ଗିରଫ ପରେ ଶୁକ୍ରବାର ଏହି ଘଟଣା ସାମ୍ନାକୁ ଆସିଥିବା ଡିସିପି ସୂଚନା ଦେଇଛନ୍ତି। ତେବେ ଏଥିରେ ଆହୁରି ସାମିଲ ଅଛନ୍ତି ପୁଲିସ ଖୋଳ ତାଡ଼ କରୁଛି। ସାମ୍ବାଦିକ ସମ୍ମିଳନୀରେ କମିଶନରେଟ୍ ପୁଲିସର ଡିସିପି ପ୍ରତୀକ ସିଂ କହିଛନ୍ତି ବେଣାପଞ୍ଜରୀ ଅଞ୍ଚଳରୁ ଏକ ଗ୍ୟାଙ୍ଗର ୫ଜଣ ପେଷାଦାର ଅପରାଧୀଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ସୁମନ୍ତ ପାତ୍ର ଜଣେ ପେଷାଦାର ଅପରାଧୀ ହୋଇଥିବା ବେଳେ ଅଞ୍ଚଳରେ ବିଭିନ୍ନ ଅପରାଧିକ ଘଟଣା ଘଟାଇ ଆସୁଥିଲେ। ଅଧିକ ପଚରାଉଚରା ପରେ ସୁମନ୍ତ ବୋମା ତିଆରି ସମ୍ପର୍କରେ ସୂଚନା ଦେବା ପରେ ଶୁକ୍ରବାର ପୁଲିସର ଟିମ୍ ସୁରାକ ପାଇ ବଡ଼ ନୂଆଗାଁରେ ପ୍ଲଟ ନଂ ୧୪୦/୭୫୭ ର ବୋମା ତିଆରି ଗୋଦାମ ଉପରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଦେଶୀ ବାଣ ତିଆରି ସାମଗ୍ରୀ ସହ ୪୦ କେଜି ବାରୁଦ ତିଆରି ବିସ୍ଫୋରକ ଜବତ କରାଯାଇଛି। ଏହି ବେଆଇନ ବାରୁଦ ଗୋଦାମରୁ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ନେଇ ବଡ଼ ବଡ଼ ଅପରାଧୀମାନେ ବୋମା ଭିଡ଼ିବା ସହ ଡକାୟତି ସମୟରେ ବ୍ୟବହାର କରିଥାନ୍ତି।

ତେବେ ଅଭିଯୁକ୍ତର ଲିଙ୍କ୍ କାହା ସହ ଅଛି ଓ ଆଗକୁ କାହାକୁ ବିସ୍ଫୋରକ ସପ୍ଲାଏ କରିଥାନ୍ତା ରିମାଣ୍ଡରେ ଆଣି ପଚରଉଚରା କରାଯିବା ବୋଲି କହିଛନ୍ତି। ଏନେଇ ଥାନାରେ କେସ ନଂ ୧୩୧/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

### ଅପରାଧୀଙ୍କୁ ଯୋଗାଉଥିଲା ବୋମା

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବେଗୁନିଆ, ୨୯ ।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ଗ୍ରାମ ସ୍ଥିତ ଗଉଡସାହିରେ ଅଷ୍ଟ ପ୍ରହର ନାମଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଆରିକମା ଗୋବିନ୍ଦପୁର, ପୋଡ଼ାପାଟଣା, କୁରାଡ଼ିଲୋ ଓ ପୁଇଁଚିଆ ଗ୍ରାମର ନାମ ସଙ୍କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ନାମଯଜ୍ଞ ସ୍ଥଳରେ ପହଁଚି ବୈଦିକ ରୀତିରେ ନୀତି ଅନୁଯାଇ ସ୍ଥାପନ ପରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇଥିଲା। ଶୁକ୍ରବାର ଦିନ ମଧ୍ୟାହ୍ନରେ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ଭକ୍ତିମୟ ପରିବେଶରେ ଉଦଯାପିତ ହୋଇଥିବା ବେଳେ ସ୍ଥାନୀୟ ସାହିର ସମସ୍ତ ଭକ୍ତ ବୃନ୍ଦ ସହଯୋଗ କରିଥିଲେ।

